## ସଂକ୍ଷେପରେ

### କେନାଲ ମରାମତି କରାଯିବାକୁ ଦାବିପତ୍ର



ଗୁଣପୁର,୨୮।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଶଗଡା ଉନ୍ନୟନ ପରିଷଦ ପକ୍ଷରୁ କେନାଲ ମରାମତି ପାଇଁ ଦାବି ହୋଇଛି। ଏନେଇ ସୋମବାର ସଂଗଠନର କର୍ମକର୍ତ୍ତା ଏବଂ ଲୋକ ପ୍ରତିନିଧିମାନେ କ୍ଷୁଦ୍ର ଜଳସେଚନ ବିଭାଗକୁ ଯାଇ ବିଭାଗୀୟ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଲଗାଣ ବର୍ଷା ଯୋଗୁ ବିରାଟ ତେନ୍ତୁଳି ଗଛ ଉପୁଡିଯାଇ ଶଗଡା ମୌଜର ୧ ନମ୍ବର ଡ୍ୟାମର ସଂଯୋଗ କେନାଲ ୨୦ ମିଟର ପର୍ଯ୍ୟନ୍ତ ଭାଙ୍ଗି ଯାଇଛି। ଫଳରେ ଚାଷଜମିକୁ ଜଳସେଚନରେ ସମସ୍ୟା ସୃଷ୍ଟି ହେଉଥିବା ଶଗଡା, ରାଏଲପଦର, ଡୁଙ୍ଗଡୁଙ୍ଗାର ଏବଂ ମାରକୁଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହାର ମରାମତି କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ପରିଷଦ ସଭ୍ୟ ଇଗାନ ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ସଭ୍ୟ ମାଥ୍ୟୁ ଦଳବେହେରା, ଦିବସ ରାଇକା, ଯୁନେଶ ଶବର, ଇନାନ ଶବରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଚୋରି ସାମଗ୍ରୀ ଉଦ୍ଧାର, ୨ ଗିରଫ



ଟିକିରି, ୨୮।୮
(ପ୍ରଫୁଲ କୁମାର ବେହେରା)

ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଟିକିରି ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆନ୍ଧୁଗୁଡା ଗ୍ରାମର ସନ୍ତୋଷ ସାହୁ ଓ ପୋଡାପାଡି ଗ୍ରାମର ହେମନ୍ତ ପ୍ରଧାନୀ। ସେମାନଙ୍କ ନିକଟରୁ ପୋଲିସ ଚୋରି ହୋଇଥିବା ଲାପଟପ୍ ଓ ଆଇଫୋନ ଜବତ କରିଛି। ପୋଲିସ ଏ ନେଇ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍ଆଇ ମନୋଜ ଜେନା କହିଛନ୍ତି । ସୂଚନା ଅନୁଯାୟୀ, ରେଳ ବିଭାଗରେ କାମ କରୁଥିବା ରୋଶନ କୁମାର ପ୍ରସାଦ କୌଣସି କାର୍ଯ୍ୟରେ ଗତ ଅଗଷ୍ଟ ୨୨ରେ ରାୟଗଡା ଯାଇ ୨୭ରେ ଘରକୁ ଫେରିଥିଲେ। ତେବେ ଘର ତାଲା ଭାଙ୍ଗି ଘରରୁ ଲାପଟପ, ଆଇଫୋନ ମବାଇଲ ସହ ଘରର ଅନ୍ୟ ଆସବାବପତ୍ର ଚୋରି ହୋଇଥିବା ଦେଖି ଟିକିରି ଥାନାରେ ଅଭିଯୋଗ କରିଥିଲେ। ଟିକିରି ଆଇଆଇସି ବିଶ୍ୱବନ୍ଦନା ବାଗ ଘଟଣାର ତଦନ୍ତ କରୁଛି।

# କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମି ଅଭାବ

ରାୟଗଡ଼ା,୨୮।୮(ଆଶିଷ ରଞ୍ଜନ ପଣ୍ଡା)

- ପ୍ରତିଭା ପ୍ରଦର୍ଶନରୁ ବଞ୍ଚିତ କ୍ରୀଡ଼ାବିତ୍
- ବୃହତ ଷ୍ଟାଡ଼ିୟମ ନିର୍ମାଣକୁ ନେଇ ପ୍ରଶ୍ନବାଚୀ

ଜିଲା ଗଠନ ହୋଇ ୩୦ ବର୍ଷ ବିତିଯାଇଥିଲେ ମଧ୍ୟ ଜିଲାରେ କ୍ରୀଡ଼ା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ ରହିଛି। ଜିଲାରେ ବିଭିନ୍ନ ପ୍ରକାର କ୍ରୀଡ଼ାରେ ଅନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟସ୍ତରରେ ଜିଲାର ପ୍ରତିଯୋଗୀମାନେ ସ୍ୱର୍ଣ୍ଣ, ରୌପ୍ୟ ପଦକ ହାସଲ କରୁଥିଲେ ମଧ୍ୟ ଅଭ୍ୟାସ ପାଇଁ ପର୍ଯ୍ୟାପ୍ତ ପରିମାଣର ଭିତ୍ତିଭୂମି ଓ ପ୍ରୋତ୍ସାହନ ମିଳୁ ନ ଥିବା ଜିଲାର କ୍ରୀଡ଼ାବିତମାନେ ଅଭିଯୋଗ କରିଛନ୍ତି । ରାୟଗଡ଼ା ସଦର ମହକୁମାରେ ଇଣ୍ଡୋର ଷ୍ଟାଡ଼ିୟମ ଓ ସଦ୍‌ଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ ଥିଲେ ମଧ୍ୟ ସେଠାରେ ସମସ୍ତ ପ୍ରକାର ଆବଶ୍ୟକୀୟ ସରଞ୍ଜାମ ନ ଥିବାରୁ କ୍ରୀଡ଼ାବିତ୍‌ମାନେ ଅଭ୍ୟାସ କରିପାରୁନାହାନ୍ତି। ଅପରପକ୍ଷେ ମାସିକ ଫି ଆଦାୟ ହେଉଥିଲେ ମଧ୍ୟ ସଠିକ୍ ଭାବେ ରକ୍ଷଣାବେକ୍ଷଣ ହେଉ ନ ଥିବା କ୍ରୀଡ଼ାବିତମାନେ ଅଭିଯୋଗ କରିଛନ୍ତି।

ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସରେ ବ୍ୟାଡ଼ମିଣ୍ଟନ, ଟେବୁଲ ଟେନିସ୍ ଓ ଜିମ୍‌କୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳ ନିମନ୍ତେ ସୁବିଧା ନାହିଁ । ସେହିଭଳି ଶକ୍ତି ଉତ୍ତୋଳନକାରୀ, ପାୱାର ଲିଫ୍ଟିଂ, ହାଇ ଜମ୍ପ, ଲଙ୍ଗ ଜମ୍ପ ଆଦି ଅଭ୍ୟାସ କରିବା ନିମନ୍ତେ ଜିଲା ସଦର ମହକୁମାଠାରୁ ଆରମ୍ଭ କରି ବ୍ଲକ ଓ ଗ୍ରାମାଞ୍ଚଳଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭିତ୍ତିଭୂମିର କୌଣସି ବ୍ୟବସ୍ଥା କରାଯାଇନାହିଁ। ଯାହା ଖେଳାଳିଙ୍କ ମନୋବଳ ଭାଙ୍ଗିବାର ମୁଖ୍ୟ କାରଣ ବୋଲି ବହୁ କ୍ରୀଡ଼ାବିତ କହିଛନ୍ତି। ତେବେ ଜିଲାରେ ଏକ ବୃହତ ଷ୍ଟାଡ଼ିୟମ ନିର୍ମାଣର ଆବଶ୍ୟକତା ରହିଥିଲେ ମଧ୍ୟ ଆଜିଯାଏଁ ଏହା ନିର୍ମାଣ ହୋଇ ନ ଥିବାରୁ କ୍ରୀଡ଼ାବିତ ମହଲରେ ନିରୁତ୍ସାହ ଦେଖାଦେଇଛି।




ରାୟଗଡ଼ା ଇନ୍‌ଡୋର ଷ୍ଟାଡ଼ିୟମ ।

ପ୍ରକାଶ ଥାଉକି, ଜିଲାରେ ଏକ ବୃହତ ଷ୍ଟାଡ଼ିୟମ ନିର୍ମାଣ ପାଇଁ ଗତ ୯ ବର୍ଷ ତଳେ ଜେକେପୁରଠାରେ ୧୧ ଏକର ଜମିରେ ସ୍ଥାନ ନିରୂପଣ କରାଯାଇଥିଲା । ସେଠାରେ ୭୫ ଲକ୍ଷ ଟଙ୍କା ବ୍ୟୟରେ ପାଚେରୀ ମଧ୍ୟ ନିର୍ମାଣ କରାଯାଇଥିଲା । କିନ୍ତୁ ଏହି ସ୍ଥାନ ଜେକେ ପେପରମିଲ ଠାରୁ ଖୁବ୍ ନିକଟରେ ଥିବାରୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ପରବର୍ତ୍ତି ସମୟରେ ତାହା ଜବରଦଖଲରେ ରହିଥିବାରୁ ଷ୍ଟାଡ଼ିୟମ ପାଇଁ ନିର୍ମିତ ପାଚେରି ଭାଙ୍ଗି ସେଠାରେ ଅବାଧ ପ୍ରବେଶ ସହ ଶତାଧିକ ଟ୍ରକ୍ ରହଣିସ୍ଥଳ ପାଲଟିଯାଇଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଉକ୍ତ ସ୍ଥାନରେ ବୃହତ ଷ୍ଟାଡ଼ିୟମ ନିର୍ମାଣ ଯୋଜନା କେବଳ ଯୋଜନାରେ ସୀମିତ ରହିଯାଇଛି । ସେହିପରି ନିକଟରେ ରାୟଗଡ଼ାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଏକ ମିନି ଷ୍ଟାଡ଼ିୟମ ନିର୍ମାଣ ହୋଇଥିଲେ ବି ସେଠାରେ ଅତ୍ୟାଧୁନିକ କ୍ରୀଡା ସରଞ୍ଜାମ ନ ଥିବାରୁ ଖେଳାଳିଙ୍କ ଭବିଷ୍ୟତ ଅନ୍ଧାର ବୋଲି ବହୁ କ୍ରୀଡ଼ାବିତ୍ ମତ ପ୍ରକାଶ କରିଛନ୍ତି। ସମସ୍ତ ବ୍ଲକରେ କ୍ରୀଡା ଅଭ୍ୟାସ ନିମନ୍ତେ ମିନି ଷ୍ଟାଡ଼ିୟମ ନ ଥିବାରୁ ଖେଳାଳିମାନେ ନିଜ ପ୍ରତିଭା ପ୍ରଦର୍ଶନ କରିବାରେ ଅସଫଳ ହେଉଥିବା ଅଭିଯୋଗ କରିଛନ୍ତି। ଏନେଇ ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଆଲିନୁରଙ୍କୁ ପଚାରିବାରୁ ପ୍ରତ୍ୟେକ ବ୍ଲକରେ ମିନି ଷ୍ଟାଡ଼ିୟମ ନିର୍ମାଣ କରାଯାଉଛି । ଆଗାମୀ ଦିନରେ ସମସ୍ତ ଷ୍ଟାଡ଼ିୟମ କାର୍ଯ୍ୟକ୍ଷମ ହୋଇଯିବ ବୋଲି କହିଛନ୍ତି । ଏଥିସହିତ ବୃହତ ଷ୍ଟାଡ଼ିୟମ ପାଇଁ ରାୟଗଡ଼ା ସହରରେ ସ୍ଥାନ ନିରୂପଣ ପାଇଁ ରାଜ୍ୟ ସରକାରଙ୍କଠାରୁ ନିର୍ଦ୍ଦେଶ ଆସିଥିବା ପ୍ରକାଶ କରିଛନ୍ତି ।

# ଡଙ୍ଗରିଆ ସମ୍ପ୍ରଦାୟ ମଧ୍ୟରେ ଫାଟ

ରାୟଗଡ଼ା,୨୮।୮ (ଆଶିଷ ରଞ୍ଜନ ପଣ୍ଡା)

**ନିୟମଗିରି ସୁରକ୍ଷା ସମିତି ସଭାପତିଙ୍କୁ ଚିଠି**

ଜିଲାର ନିୟମଗିରି ପର୍ବତରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ ସମ୍ପ୍ରଦାୟଙ୍କ ଏକତା ସର୍ବଦା ସମସ୍ତଙ୍କ ପାଇଁ ଉଦାହରଣ ସାଜିଥାଏ । ହେଲେ ଏବେ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଦେଖାଦେଇଛି । ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକ୍କାଙ୍କୁ ଖୋଲା ଚିଠି ମାଧ୍ୟମରେ ପ୍ରଶ୍ନ କରିଛି ନିୟମଗିରି ସଚେତନ ଡଙ୍ଗରିଆ ମଞ୍ଚ । ଏହି ଖୋଲା ଚିଠି ପାରସାଲି ପଞ୍ଚାୟତର ବିଭିନ୍ନ ସ୍ଥାନରେ ପୋଷ୍ଟର ଭଳି ମରାଯାଇଥିବା ନଜରକୁ ଆସିଛି। ଏଭଳିକି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଏହା ଲଗାଯାଇଥିବା ନଜରକୁ ଆସିଛି। ଉକ୍ତ ଚିଠିରେ ଲେନିନ ରାଏ ନାମକ ବ୍ୟକ୍ତିଙ୍କୁ ବିରୋଧ କରାଯାଇଥିବା ଉଲ୍ଲେଖ ରହିଛି । ଲେନିନ ଲଖପଦର ଗ୍ରାମରେ ଆସି ରହିବାର ଉଦ୍ଦେଶ୍ୟ କଣ ବୋଲି ଏହି ଚିଠିରେ ପ୍ରଶ୍ନ କରାଯାଇଛି । ନିୟମଗିରି ସୁରକ୍ଷା ସମିତି ଲେନିନଙ୍କଠାରୁ କେଉଁଭଳି ସାହାଯ୍ୟ ଆଶା କରୁଛି ବୋଲି ପ୍ରଶ୍ନ ରହିଛି । ତାଙ୍କୁ ଗାଁରୁ ହଟାଇ ସଂଗଠନ ଆଗକୁ ନେବାକୁ ଦାବି ହୋଇଛି। ତେବେ ଏହି ଚିଠି ଓ ପୋଷ୍ଟର କିଏ ଲଗାଇଛି ତାହା ଅସ୍ପଷ୍ଟ ରହିଛି ।



ଚିଠିର ଫଟୋ ।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଗଣଧାରଣା

ରାୟଗଡା,୨୮।୮(ଭାଗ୍ୟଶ୍ରୀ ମିଶ୍ର)

ଓଡ଼ିଶା ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଡାକରାକ୍ରମେ ସୋମବାର ରାୟଗଡା ଜଲା ଶାଖା ପକ୍ଷରୁ ୨ ଦଫା ଦାବି ନେଇ ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦିଆଯାଇଛି। ଗ୍ରାମାଞ୍ଚଳରେ ସମସ୍ତ ଉନ୍ନୟନ କାର୍ଯ୍ୟ କରୁଥିବାବେଳେ ସେମାନଙ୍କ ନ୍ୟାର୍ଯ୍ୟ ଦାବିକୁ ସରକାର ଅଣଦେଖା କରୁଥିବା ଆନ୍ଦୋଳନକାରୀ ପିଇଓମାନେ ଅଭିଯୋଗ କରିଛନ୍ତି। ପିଇଓଙ୍କ ଆନ୍ଦୋଳନକୁ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ସମର୍ଥନ ଜଣାଇ ସେମାନଙ୍କ ସହ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ରାଜ୍ୟ ସରକାର ଏବଂ କେନ୍ଦ୍ରର ଅନେକ ଯୋଜନା ପିଇଓମାନେ ତୃଣମୂଳରେ କାର୍ଯ୍ୟ କରିଥାନ୍ତି। ସେମାନଙ୍କ ଦାବି ସମ୍ପର୍କରେ ସେ ବିଧାନ ସଭାରେ ଉପସ୍ଥାପନ କରି ଏହାର ସ୍ଥାୟୀ ସମାଧାନ ଲାଗି ଚେଷ୍ଟା କରିବେ ବୋଲି ବିଧାୟକ ମୁଦୁଲି କହିଛନ୍ତି।

ଗତ ୧୮ତାରିଖରୁ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କଲମ ଛାଡ ଆନ୍ଦୋଳନ ଜାରି ରଖିଥିବାରୁ ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଅନ୍ୟପଟେ ଜିଲାରେ ୧୮୨ ପଞ୍ଚାୟତ ରହିଥିବାବେଳେ ସେଥିରୁ ୭୦ରୁ ଊର୍ଦ୍ଧ୍ୱ ପିଇଓ ପଦବୀ ଖାଲି ରହିଛି। ଏବେ ପୁଣି ପିଇଓଙ୍କ ଆନ୍ଦୋଳନରେ ପଞ୍ଚାୟତସ୍ତରରେ ହେବାକୁ ଥିବା ଉନ୍ନତିମୂଳକ କାର୍ଯ୍ୟ ବାଧା ପ୍ରାପ୍ତ ହେବ ବୋଲି ବୁଦ୍ଧିଜୀବିମାନେ କହିଛନ୍ତି । ପିଇଓମାନେ ଦାବି କରିଛନ୍ତି ଯେ, ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩ କରିବା ସହିତ ଦରମା ହାର ଲେବୁଲ 5୫ ରୁ ଲେବୁଲ ୯କୁ ବୃଦ୍ଧି କରିବା, ନୂତନ ପଦବୀ ସୃଷ୍ଟି କରି ୧୦ ବର୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ପିଇଓଙ୍କୁ ପଦୋନ୍ନତି ପ୍ରଦାନ କରିବା ସହିତ ଜିଡିପି ଓ ପଦବୀରେ ସତ ପ୍ରତିଶତ ପଦୋନ୍ନତି ପ୍ରଦାନ କରିବା ଓ ପିଆରଏସ କ୍ୟାଡର ରୁଲରେ ଅନ୍ତର୍ଭୁକ୍ତ କରିବା। ଆଗାମୀ ଦିନରେ ସରକାର ନୂତନ ନୋଟିଫିକେସନ ନ ବାହାର କରିବା ପର୍ଯ୍ୟନ୍ତ ଗଣ ଧାରଣା ଜାରି ରହିବ ଏବଂ ଆଗକୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ପିଇଓ ଜିଲା ସଭାପତି ପି. ଦିବାକର ରାଓ କହିଛନ୍ତି। ଗଣ ଧାରଣାରେ ଜିଲାର ୧୧ଟି ବ୍ଲକର ସମସ୍ତ ପିଇଓମାନେ ଉପସ୍ଥିତ ରହି ଦାବି ଜଣାଇଛନ୍ତି ।




ଧାରଣାରେ ବସିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ବିଧାୟକ।

### ନୂଆଦିଲ୍ଲୀରେ ଗଣତନ୍ତ୍ର ମହୋତ୍ସବ ପାଳନ କାର୍ଯ୍ୟକ୍ରମରେ ଯୋଗଦେବେ ଆରତୀ ଦେବୀ

ପୋଲସରା,୨୮।୮(ସୁବ୍ରତ ବେହେରା): ଆସନ୍ତା ସେପ୍ଟେମ୍ବର ୩ରେ ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆନ ହାବିଟାଟ ସେଣ୍ଟରଠାରେ ଗଣତନ୍ତ୍ର ମହୋତ୍ସବ ପାଳନ ଅବସରରେ ଓଡିଶାରୁ ବକ୍ତା ଭାବେ ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଓ ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ତୁଙ୍ଗାପଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଆରତୀ ଦେବୀ ଯୋଗଦେବେ। ଭାରତୀୟ ଗଣତନ୍ତ୍ର ପାଠଶାଳା (ଇଣ୍ଡିଆନ ସ୍କୁଲ ଅଫ ଡେମୋକ୍ରାସି) ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଭାରତ ସ୍ୱାଧୀନତାର ୭୬ ବର୍ଷ ଏବଂ ଭାରତୀୟ ଗଣତନ୍ତ୍ର ପାଠଶାଳାର ୫ମ ସଫଳତାର ବର୍ଷ ପୂରଣ ଅବସରରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ୩୦୦ରୁ ଊର୍ଦ୍ଧ ଯୁବନେତା ସହିତ ବରିଷ୍ଠ ରାଜନେତା ଯୋଗ ଦେବେ। ଉକ୍ତ କାର୍ଯ୍ୟକ୍ରମରେ ଆରତୀ ଦେବୀ ନିଜ ରାଜନୈତିକ ଜୀବନଯାତ୍ରା ଏବଂ ଅଭିଜ୍ଞତା, ମିଶନ ଶକ୍ତି, ମହିଳା ସଶକ୍ତୀକରଣ ଉପରେ ବକ୍ତବ୍ୟ ରଖିବେ।

# ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସରେ ଚାରା ରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ମଜଦୁର ସଂଘ ପର୍ଯ୍ୟାବରଣ ମଞ୍ଚର କର୍ମକର୍ତ୍ତା ।

ରାୟଗଡ଼,୨୮।୮ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଭାରତୀୟ ମଜଦୁର ସଂଘ ଏବଂ ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ସୋମବାର ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ଅବସରରେ ଜିଲାର ସମସ୍ତ ବ୍ଲକରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାୟଗଡ଼ାସ୍ଥିତ ମା' ବୁଦ୍ରାଲାମା ମନ୍ଦିର ପରିସରରେ ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ତଥା ଗଜପତି, ଗଞ୍ଜାମ ଏବଂ ରାୟଗଡ଼ା ଜିଲା ପ୍ରଭାରୀ ଯୋଗେଶ୍ୱର ଦାସ, ରାୟଗଡ଼ା ବନ ବିଭାଗର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ସଞ୍ଜୟ କୁମାର ଦାଶ, ବନପାଳ ଗୌରୀ ସାହୁ, ବସନ୍ତ କୁମାର ଉଲ୍ଲାକା, ଆପଲାସ୍ୱାମୀ କାତ୍ରାକା, ବି ଜଗନ, ମଞ୍ଜୁଳା ମିନିୟାକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବେଲ , ଅଁଳା ଏବଂ ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରିଥିଲେ। ପର୍ଯ୍ୟାବରଣ ଦିବସକୁ ଏକ ସାର୍ବଜନିନ ପର୍ବ ଭାବରେ ପାଳନ କରିବା ସହ ପରିବେଶ ସଂକ୍ରାନ୍ତରେ ଜନ ସଚେତନତା ସୃଷ୍ଟି କରିବାକୁ ଶ୍ରମିକନେତା ଯୋଗେଶ୍ୱର ଦାସ କହିଥିଲେ । ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ଗଣେଶ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଘର ସଭାପତି ମୋହନ ରାଓ ମାଝୀ, ଉପସଭାପତି ଦୁର୍ଗାମାଧବ ଘୋଷ, କେ. କେ. ଜେନାଙ୍କ ସମେତ ମନ୍ଦିର କମିଟି ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ।

# କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ରାୟଗଡା,୨୮।୮ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ସହରର ଚେକାଗୁଡ଼ା ପଡିଆଠାରେ ଜେନାସେନା ଅନୁଷ୍ଠାନ ପକ୍ଷରୁ ଆୟୋଜିତ କବାଡି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି । ଶେଷ ମ୍ୟାଚରେ ରବି ସେନା କିଙ୍ଗସ୍‌କୁ ହରାଇ ଗେମ ଚେଞ୍ଜର୍ସ ଚାମ୍ପିୟନ ହୋଇଛି। ଉଦଯାପନୀ ସମାରୋହରେ ରାୟଗଡା ବରିଷ୍ଠ ସଙ୍ଗଠକ ଯାଲା କଣ୍ଡା ବାବୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜେଡ଼ିର ବରିଷ୍ଠ ନେତା ପି. ଗୌରୀ ଶଙ୍କର, ଧବଳେଶ୍ୱର ନାଇ, ରଘୁ ମଣ୍ଡଳ, ବରିଷ୍ଠ ଆଇନଜୀବି ବିରଜା ପାତ୍ର, କୃଷ୍ଣ ପଟ୍ଟନାୟକ, ରାୟଗଡା ଯୁବ ବିଜେଡ଼ିର ଜିଲା ସମ୍ପାଦକ କୋଣ୍ଡା ବାବୁଲ ଶ୍ରୀ ନିବାସ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ।

# ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଲାଗି ଆଲୋଚନା

**ରୋଗୀ କଲ୍ୟାଣ ସମିତି ବୈଠକ**

ଗୁଣପୁର,୨୮।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୋମବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରଘୁନାଥ ଗମାଙ୍ଗଙ୍କ ଅଧକ୍ଷତାର ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୭ କୋଟି ଟଙ୍କା ବ୍ୟୟରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଆଲୋଚନା ହୋଇଥିଲା। ଆମ ହସ୍‌ପିଟାଲ ଯୋଜନାରେ ବର୍ତ୍ତମାନ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଆସନ୍ତା ୨ ତାରିଖରେ ଶିଶୁ ଏବଂ ଭେଷଜ ୱାର୍ଡର ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବ୍ଲଡ ବ୍ୟାଙ୍କ ମରାମତି, ସୌନ୍ଦର୍ଯ୍ୟକରଣ ଏବଂ ଫ୍ରିଜ କ୍ରୟ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଚାରାରୋପଣ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ଆମ୍ବୁଲାନ୍ସ ପାଇଁ ଡ୍ରାଇଭର ନିଯୁକ୍ତି ଲାଗି ସ୍ଥିର ହୋଇଥିଲା। ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନ ଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ୫ ଜଣ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ କାର୍ଯ୍ୟରେ ଯୋଗଦାନ କରିଥିବାରୁ ବୈଠକରେ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ବୈଠକରେ ବ୍ଲକ ଅଧକ୍ଷା ଝିଲି ଶବର, ପୌର ପରିଷଦର ଅଧକ୍ଷା ମମତା ଗୌଡ, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ରମେଶ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଉପାଧକ୍ଷ ଶିବ ପ୍ରସାଦ ଗୌଡ, ଦେବେନ୍ଦ୍ର ଚୌଧୁରି, ଡା.ଚନ୍ଦ୍ରଧ୍ୱଜ ପଣ୍ଡା, ଅକ୍ଷୟ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।



ବୈଠକରେ ବିଧାୟକଙ୍କ ସହ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଡାକ୍ତରୀ ଛାତ୍ରଙ୍କୁ ଆର୍ଯ୍ୟନ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା

ପଦ୍ମପୁର,୨୮।୮(ପ୍ରଶାନ୍ତ କୁମାର କର)

ପଦ୍ମପୁର ଆର୍ଯ୍ୟନ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଗରିବ ଆଦିବାସୀ ଛାତ୍ର ଏକ୍କା ଗମାଙ୍ଗ ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏକ୍କା ଦୀର୍ଘ ୧୧ ବର୍ଷ ଧରି ପଦ୍ମପୁରସ୍ଥିତ ଆର୍ଯ୍ୟନ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ିଥିଲେ। ଏକ୍କା ନିଟ୍‌ରେ ସଫଳତା ହାସଲ କରିବା ପରେ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତରୀ ପଢ଼ିବା ପାଇଁ ସ୍ଥାନ ପାଇଛନ୍ତି। ତାଙ୍କ ସମ୍ମାନାର୍ଥେ ଆର୍ଯ୍ୟନ ସ୍କୁଲରେ ଆୟୋଜିତ ଏକ ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ଅମରେଶ ଜେନା ଡାକ୍ତରୀ ଛାତ୍ର ଏକ୍କାଙ୍କୁ ଉପଢୌକନ ଓ ଫୁଲତୋଡା ଦେଇ ସମ୍ମାନିତ କରିଥିଲେ। ଆର୍ଯ୍ୟନର ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ଡାକ୍ତର ହେବା ପାଇଁ ପ୍ରେରଣା ଯୋଗାଇଥିଲେ ବୋଲି ଏକ୍କା କହିଛନ୍ତି।

ଆର୍ଯ୍ୟନ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରି ଅଞ୍ଚଳର ଟେକ ରଖିବାରେ ଲାଗିଛନ୍ତି । ଗତବର୍ଷ ଏହି ବିଦ୍ୟାଳୟର ଜଣେ ଛାତ୍ରୀ ସୋନାଲି ଭୁୟାଁ ମେଡିକାଲ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବାରିପଦା ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢୁଛନ୍ତି। ଚଳିତ ବର୍ଷ ଖିଲିଙ୍ଗିରାଇ ଗ୍ରାମର ଆଦିବାସୀ ଛାତ୍ର ଏକ୍କା ଗମାଙ୍ଗ ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏକ୍କା ସ୍କୁଲରେ ପାଠ ସରିବା ପରେ ପୁଣେର ଦକ୍ଷିଣା ଫାଉଣ୍ଡେଶନ ପ୍ରଶିକ୍ଷଣ କେନ୍ଦ୍ରରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିଲେ। ସେ ତାଙ୍କ ପିତା ଶ୍ୟାମ ସୁନ୍ଦର ଗମାଙ୍ଗଙ୍କୁ କୋଭିଡ ସମୟରେ ହରାଇ ମଧ୍ୟ ଭାଙ୍ଗି ପଡ଼ି ନ ଥିଲେ। ତାଙ୍କ ମା' ଯସ୍ମିନ ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ନିଜର ଲକ୍ଷ୍ୟ ହାସଲ କରିଥିଲେ। ଏକାଗ୍ରତା ଓ ନିଷ୍ଠା ତାଙ୍କୁ ସର୍ବୋଚ୍ଚ ସ୍ଥାନରେ ପହଞ୍ଚାଇ ପାରିଛି। ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ବିକ୍ରମ ନାୟକ ଓ ଯଶସ୍ୱୀ ଦାସ ଉପସ୍ଥିତ ଥିଲେ। ଇଂଲିଶ ଅଧ୍ୟାପିକା ପ୍ରତିଭା ଶବର ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଲଗାତର ଅନେକ ବର୍ଷଧରି ଏହି ଅନୁଷ୍ଠାନର ଛାତ୍ରୀଛାତ୍ର ଡାକ୍ତର, ବୈଜ୍ଞାନିକ, ଶିକ୍ଷାବିତ୍, ଇଞ୍ଜିନିୟର ଭଳି ଭଲ ପଦବୀରେ ପ୍ରତିଷ୍ଠିତ ହୋଇ ସ୍କୁଲର ସୁନାମ ରଖୁଥିବା ଅଧ୍ୟକ୍ଷ ନାୟକ କହିଛନ୍ତି।



ଡାକ୍ତରୀ ଛାତ୍ର ଏକ୍କା ଗମାଙ୍ଗଙ୍କୁ ସମ୍ମାନିତ କରାଯାଉଛି।

### ଜୟପୁରର ରଘୁନାଥ ଚଢ଼ିଲେ କିନୋର କୈଳାସ ପର୍ବତ

ଜୟପୁର, ୨୮।୮ (ପବନ ପାଣିଗ୍ରାହୀ)

ଡଙ୍ଗରିଆ ସଙ୍ଗଠନର ସଦସ୍ୟ ରଘୁନାଥ ସ୍ୱାଇଁ ପ୍ରଥମ କୋରାପୁଟିଆ ଭାବରେ ହିମାଚଳ ପ୍ରଦେଶର ପଞ୍ଚ କୈଳାସ ପର୍ବତର କିନୋର କୈଳାସ ପର୍ବତ ଚଢ଼ିଛନ୍ତି । କିନୋର କୈଳାସ ହେଉଛି ସବୁଠାରୁ ଉଚ୍ଚ ପର୍ବତ । ଏହି ପର୍ବତ ସମୁଦ୍ରପତ୍ତନଠାରୁ ୬ ହଜାର ୫୦ ମିଟର ଉଚ୍ଚରେ ରହିଛି। ପୃଥବୀର ଦୁର୍ଗମ ପାହାଡ ଶୃଙ୍ଖଳା ଭିତରୁ ଏହା ଏକ ଅନ୍ୟତମ । ପୃଥିବୀର ପଞ୍ଚ କୈଳାସ ଭିତରୁ ମଧ୍ୟ ଏହା ଏକ ଅନ୍ୟତମ ପର୍ବତ । ଆଜି ଯାଏ କେହି କୋରାପୁଟ ଜିଲାର ଏହି ପର୍ବତ ଚଢ଼ିପାରି ନ ଥିଲେ। ଜିଲାର ଏକମାତ୍ର ବ୍ୟକ୍ତି ଭାବେ ରଘୁନାଥ ଏହି କିନୋର କୈଳାସ ଚଢ଼ିପାରିଛନ୍ତି। ସେ ରବିବାର ଏହି ପର୍ବତ ଚଢ଼ା ଅଭିଯାନ ଆରମ୍ଭ କରି ସୋମବାର ପୂର୍ବାହ୍ନ ୧୧ଟାରେ କିନୋର କୈଳାସରେ ପହଞ୍ଚିଥିଲେ। ସେଠାରେ ମହାଦେବଙ୍କ ଦର୍ଶନ କରି ୧ଘଣ୍ଟା ବିତାଇ ପର୍ବତରୁ ଓହାଇଛନ୍ତି । ମଙ୍ଗଳବାର ରଘୁନାଥ ସାଙ୍ଗଳା ବେଶ୍ କ୍ୟାମ୍ପରେ ପହଞ୍ଚିବେ ବୋଲି ଜଣାପଡିଛି।

# ୪୫ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

**ଚନ୍ଦ୍ରପୁରରେ ବ୍ଲକସ୍ତରୀୟଙ୍କ ଜନ ଶୁଣାଣି**

ଚନ୍ଦ୍ରପୁର,୨୮।୮(ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ପଞ୍ଚାୟତ ସମିତି ସଭା ଗୃହଠାରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଏଥିରେ ଅଞ୍ଚଳରୁ ୪୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଥିବାବେଳେ ୨୨ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଅଭିଯୋଗଗୁଡିକ ମଧ୍ୟରେ ଜମି ବିବାଦ, ପାନୀୟ ଜଳ, ବିଦ୍ୟୁତ, ରାସ୍ତା ଘାଟ, ଇନ୍ଦିରା ଆବାସ, ଶିକ୍ଷା, ଉନ୍ନୟନମୂଳକ ସମ୍ପର୍କରେ ବହୁ ଅଭିଯୋଗ ଆସିଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ରାୟଗଡା ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲା ପରିଷଦ ର କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ, ଜିଲା ଅତିରିକ୍ତ ଏସପି ବିଷ୍ଣୁ ପାତ୍ର, ସିଡ଼ିଏମଓ ଲାଲ ମୋହନ ରାଉତରାଏ, ମୁନିଗୁଡା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଚନ୍ଦ୍ରପୁର ବ୍ଲକ ଅଧକ୍ଷ କୈନ କିମାକା, ବିଡ଼ିଓ ଅକ୍ଷୟ କୁମାର ମଲିକ, ତହସିଲଦାର ଅଶୋକ ତ୍ରିପାଠୀଙ୍କ ସମେତ ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଉନ୍ନୟନ, ଜଳ ଯୋଗାଣ, ଶିକ୍ଷା, ଉଦ୍ୟାନ, ମତ୍ସ୍ୟ, ପଶୁସମ୍ପଦ ଭଳି ପ୍ରମୁଖ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ଅନୁପସ୍ଥିତି ଥିବା ଯୋଗୁ ବହୁ ଅଭିଯୋଗକାରୀ ଆସି ନ ଥିବା ଦେଖିବାକୁ ମିଳିଛି।



ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଜନସାଧାରଣଙ୍କ ଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୯ ଅଗଷ୍ଟ, ୨୦୨୩

**ବିନା ନମ୍ବରରେ ଚାଲୁଥିବା ଅଟୋ ଜବତ**

ଜୟପୁର, (ପବନ ପାଣିଗ୍ରାହୀ)- ଜୟପୁର ଟାଉନ ପୋଲିସ ଗାଡି ମୋଟର ଯାଞ୍ଚ ବେଳେ ସୋମବାର ବିନା ନମ୍ବରରେ ଚାଲୁଥିବା ଏକ ଅଟୋକୁ ଜବତ କରିଥିଲା। ଅଟୋ ଡ୍ରାଇଭର ହାଡିଆ ଗ୍ରାମର ଯୋବେଶ ହରିଜନ (୨୬)ଙ୍କୁ ଅଟକ ରଖାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।



## ସଂକ୍ଷେପରେ

### ଗୋଟିଏ ରାତିରେ ୧୧ ଛେଳି ଚୋରି

ଦଶମନ୍ତପୁର, ୨୮।୮ (ଅରବିନ୍ଦ ନାୟକ)

ବର୍ତ୍ତମାନ ଦଶମନ୍ତପୁର ଅଞ୍ଚଳରେ ଛେଳି ଚୋରି ନେଇ ଆତଙ୍କ ଦେଖାଦେଇଛି। ଚୋରମାନେ ଗୋଟିଏ ଗାଁରୁ ୭ଟି ଛେଳି ଚୋରି କରିନେଇଥିବା ନେଇ ସୋମବାର ଥାନାରେ ଏତଲା ହୋଇଛି। ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତରେ ଥିବା ତୁନଖାଲ ଗ୍ରାମରେ ଏପରି ଦେଖିବାକୁ ମିଳିଛି। କ୍ଷତିଗ୍ରସ୍ତ ଛେଳି ମାଲିକ ରମେଶ ଚେଲ୍ଲିଙ୍କ କହିବାନୁସାରେ ରବିବାର ବିଳମ୍ବିତ ରାତି ପ୍ରାୟ ଗୋଟାଏରେ ଏକ ଧଳା ରଙ୍ଗର ବୋଲେରୋ ଗ୍ରାମକୁ ଆସିଥିଲା। ବିଳମ୍ବିତ ରାତି ହୋଇଥିବାରୁ ଗ୍ରାମର କେହି ଗୁରୁତ୍ୱ ଦେଇ ନ ଥିଲେ। ଏହାର ସୁଯୋଗ ନେଇ ଛେଳି ଚୋରମାନେ ରମେଶଙ୍କ ଛେଳି ଗୁହାଳରେ ପଶି ୭ଟି ଛେଳି ବୋଲେରୋରେ ଧରି ପଳାଇଥିଲେ। ସକାଳୁ ଏହା ଜାଣି ସେ ହତାଶ ହୋଇପଡିଥିଲେ। ଏନେଇ ରମେଶ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଏହାର ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ସୁକୁମା ହାଁସଦା କହିଛନ୍ତି। ଏହା ପୂର୍ବରୁ ଗତମାସ ୧୦ ତାରିଖରେ ରମେଶଙ୍କ ଶ୍ୱଶୁର ଘର ଯିଶୁ ବାଘଙ୍କ ଘରୁ ରାତିରେ ଏକ ବାଇକ ଯୋଗେ ଗୋଟିଏ ଛେଳି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସେହିପରି ରବିବାର ଗୋଟିଏ ରାତିରେ ମୁର୍କାର ପଞ୍ଚାୟତ ଗାଦିଖାଲ ଗ୍ରାମରୁ ୨ଟି, ମୁଣ୍ଡାଖୋଲା ଗ୍ରାମରୁ ଗୋଟିଏ ଏବଂ ଚିକାମ୍ବ ପଞ୍ଚାୟତର ବୋନାସିଲ ଗ୍ରାମରୁ ଗୋଟିଏ ଛେଳି ଚୋରି ହୋଇଛି।

### ଗିରଫ ୨ ଯୁବକ ଜାମିନରେ ମୁକୁଳିଲେ

ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣା

ପଟ୍ଟାଙ୍ଗି,୨୮।୮(ଶରତ ଧଳ)

ମୃତଦେହ ନେବାକୁ ଆମ୍ବୁଲାନ୍ସ ନ ମିଳିବାରୁ ମୃତବ୍ୟକ୍ତିଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ନିକଟରେ ଡାକ୍ତର ଭାଗବତ ମୁର୍ମୁଙ୍କୁ ଦୁର୍ବ୍ୟବହାର କରି ମାଡ ମାରିଥିଲେ। ଏନେଇ ଡାକ୍ତର ମୁର୍ମୁ ପଟ୍ଟାଙ୍ଗି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ କୋଟିଆ ପଞ୍ଚାୟତର ଉପର ଗଞ୍ଜେଇପଦର ଗ୍ରାମରୁ ୨ଜଣଯୁବକଙ୍କୁ ୨ଦିନ ତଳେ ଉଠାଇ ଆଣି ଅଟକ ରଖି ପରେ ଗିରଫ କରି କୋର୍ଟଚାଲାଣ କରିଥିଲା। ସୋମବାର ଏହି ୨ ଯୁବକ ଜାମିନରେ ମୁକୁଳିଛନ୍ତି। ଏହା ଜାଣିବା ପରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖବରରୁ ଜଣାପଡିଛି, ଉପର ଗଞ୍ଜେଇପଦର ଗ୍ରାମର ବିଶ୍ୱନାଥ ଗେମେଲଙ୍କ ଏକ ଅଜଣା ଗାଡି ଧକ୍କାରେ ଗତ ୨୩ ତାରିଖରେ ମୃତ୍ୟୁ ହୋଇଥିଲା। ପରିବାର ଓ ଗ୍ରାମବାସୀ ଏହାକୁ ନେଇ ଥାନା ଘେରାଉ କରି ଆନ୍ଦୋଳନ କରିଥିଲେ। ପରେ ବୁଝାଶୁଝା ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ଛାଡିଥିଲେ। ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଗ୍ରାମକୁ ମୃତଦେହ ନେବାକୁ ଡାକ୍ତରମୁର୍ମୁଙ୍କୁ ଆମ୍ବୁଲାନ୍ସ ଯୋଗାଇ ଦେବାକୁ କହିଥିଲେ। ମାତ୍ର ଡ୍ରାଇଭର ନ ଥିବାରୁ ସେମାନେ କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ନେଇ ମୃତଦେହ ନେବାକୁ ସେମାନଙ୍କୁ ଡାକ୍ତର ମୁର୍ମୁ ପରାମର୍ଶ ଦେଇଥିଲେ। ଏଥିରେ ଉତ୍ୟକ୍ତ ହୋଇ ବିଶ୍ୱନାଥଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ମୁର୍ମୁଙ୍କୁ ମାଡ଼ ମାରିଥିଲେ। ଏ ସମ୍ପର୍କରେ ଡାକ୍ତର ମୁର୍ମୁ ପଟ୍ଟାଙ୍ଗି ଥାନାରେ ଏତଲା ଦେବାରୁ ପୋଲିସ ଉପରଗଞ୍ଜେଇପଦର ଗ୍ରାମରୁ ସେହିଦିନ ରାତିରେ ୨ଜଣ ଯୁବକଙ୍କୁ ଉଠାଇ ଆଣିଥିଲା। ସେମାନଙ୍କୁ ଛାଡିବା ଦାବିରେ ତା'ପରଦିନ ସକାଳେ ଗ୍ରାମବାସୀ ଥାନା ଘେରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଦେଇଥିଲା।

# ପୋଲିସ ଛାଉଣୀରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ପଟ୍ଟାଙ୍ଗି,୨୮।୮(ଶରତ ଧଳ)

ଦୁଇ ମାସ ପରେ ସୋମବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ହୋଇଥିଲା। ତେବେ ନିକଟରେ କୋଟିଆ ପଞ୍ଚାୟତର ଉପର ଗଞ୍ଜେଇପଦର ଗ୍ରାମର ବିଶ୍ୱନାଥ ଗେମେଲଙ୍କ ମୃତ୍ୟୁକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ଲକ କାର୍ଯ୍ୟାଳୟ ପରିସରକୁ ପୋଲିସ ଛାଉଣୀରେ ପରିଣତ କରାଯାଇଥିବା ଦେଖିବାକୁ ମିଳିଥିଲା।

ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଗାଡ଼ିକୁ ଛାଡ଼ି ଗଣମାଧ୍ୟମ ପ୍ରତିନିଧି ଓ ଅଭିଯୋଗ ଶୁଣାଣିକୁ ଆସୁଥିବା ଲୋକଙ୍କ ଗାଡ଼ି ଉପରେ କଟକଣା ଲଗାଯାଇଥିଲା। ଜିଲାପାଳ ଅବଦାଲ ଏମ. ଅଖତର ଏବଂ ଏସ୍‌ପି ଅଭିନବ ସୋନକାରଙ୍କ ସହ ଜିଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ପ୍ରକୋଷ୍ଠ ଭିତରେ ଅପେକ୍ଷା ରହିଥିବା ବେଳେ ବାହାରେ ନିଜ ସମସ୍ୟା ସମ୍ପର୍କରେ ଜଣାଇବାକୁ ଆସିଥିବା ଲୋକମାନେ ଅପେକ୍ଷା କରି ରହିଥିଲେ। ପୂର୍ବାହ୍ନ ୧୨ଟା ପରେ ବ୍ଲକର ପେଟ୍ରୁ ପଞ୍ଚାୟତରେ ରହିଥିବା ନେଟୱର୍କ ସମସ୍ୟା ଓ ବ୍ଲକ ସଦର ମହକୁମାର ଜାତୀୟ ରାଜପଥଠାରୁ ପଡାଲଗୁଡା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା, ଜାତୀୟ ରାଜପଥଠାରୁ ଗିର୍ଲିଗୁଡା ଗ୍ରାମକୁ ରାସ୍ତା ନ ଥିବା ସମ୍ପର୍କରେ ଅଭିଯୋଗକାରୀମାନେ ଜିଲାପାଳଙ୍କୁ ଜଣାଇଥିଲେ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ଉପରେ ଆସିଥିବା ଅଭିଯୋଗଗୁଡିକୁ ଦୃଷ୍ଟିରେ ରଖାଯାଇଛି। ଏହାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯାଉଥିବା ଜିଲାପାଳ ଅଭିଯୋଗକାରୀଙ୍କୁ ଜଣାଇଥିଲେ। ଶିବିରରେ ନୂଆଗାଁ ପଞ୍ଚାୟତରେ ନେଟୱର୍କ ସମସ୍ୟା ସହ ୩ବର୍ଷ ତଳେ ବସୁଧା ଯୋଜନାରେ ନୂଆଗାଁ ଗ୍ରାମରେ ହୋଇଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଏଯାଏ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ନେଇ ସରପଞ୍ଚ ସୁବାସ ଚନ୍ଦ୍ର ଖରା ଓ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି ଜଣାଇଥିଲେ। ଜିଲାପାଳ ଅଖତର୍ ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କ ଉପରେ ବିରକ୍ତି ପ୍ରକାଶ କରି ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ସହ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜୋନ-୧ ଜିଲା ପରିଷଦ ସଭ୍ୟା କୋଟିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋଇଥିବା ପାନୀୟ ଜଳ ବ୍ୟବସ୍ଥାର ବିଲ୍ ହୋଇ ନ ଥିବା ସହ ବସଷ୍ଟାଣ୍ଡରେ ନିଜସ୍ୱ ପାଣ୍ଠିରୁ ଲାଗିଥିବା ଏଲ୍‌ସିଡି ଟିଭିକୁ ବିଦ୍ୟୁତ୍ ସଂଯୋଗ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ଜୋନ-୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା ନିଜ ଜୋନ ସ୍ତରରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ରାସ୍ତା ନ ଥିବା ଯୋଗୁ ବିଗତ ଦିନରେ ତଳଗୋଲୁର ପଞ୍ଚାୟତର ମେଟାପାଡୁ ଗ୍ରାମରେ ଝାଡାବାନ୍ତି ବ୍ୟାପିଥିଲା। ଡାକ୍ତରି ଦଳ ଠିକ ସମୟରେ ପହଞ୍ଚି ନ ପାରିବାରୁ କେତେକଙ୍କ ମୃତ୍ୟୁ ହେବା ପରି ଘଟଣା ବୋଲି ଅବଗତ କରାଇ ଗ୍ରାମକୁ ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ। ବ୍ଲକ ସଦର ମହକୁମାର ୮ଟି ସମସ୍ୟା ସମ୍ପର୍କରେ ପଟ୍ଟାଙ୍ଗି ବିକାଶ ପରିଷଦ ପକ୍ଷରୁ ଦୁଇ ପୃଷ୍ଠାର ଲିଖିତ ପ୍ରସ୍ତାବ ଅଭିଯୋଗ ଶୁଣାଣି ବେଳେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜନଶୁଣାଣିରେ ଜିଲାପାଳ ୭୦ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ବିଏସ୍‌ଏସ୍‌ଓ ସୁଧୀର ସାହୁଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ନୂତନ ଭାବେ ୧୦ ଜଣଙ୍କୁ ଭତ୍ତା ଜିଲାପାଳ ପ୍ରଦାନ କରିବା ସହ ୮ ଜଣଙ୍କୁ ୟୁଡିଆଇଡି କାର୍ଡ, ଡମ୍ବରୁ ଖିଲ ଓ ଡି ଅଭିଷେକଙ୍କୁ ହ୍ୱିଲ ଚେୟାର୍ , ଅନନ୍ୟା ପାଙ୍ଗି, ଲିପ୍ସା ଗୁଣ୍ଠା ଓ ଶାନ୍ତି ହନ୍ତାଲଙ୍କୁ ସିପି କମ୍ପୋ ଚେୟାର୍ ପ୍ରଦାନ କରିଥିଲେ । ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାର୍, ଉପଜିଲାପାଳ ବେଣୁଧର ଶବର, ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧରୁଆଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଥାନା,ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

ପଟ୍ଟାଙ୍ଗି,୨୮।୮(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସାରି ଜିଲାପାଳ ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ସେ ସ୍ଥାନୀୟ ଥାନାକୁ ଗସ୍ତ କରି ଥାନାକୁ ଆସୁଥିବା ଲୋକଙ୍କୁ କିପରି ସେବା ମିଳୁଛି, ସରକାରଙ୍କ କାର୍ଯ୍ୟକ୍ରମରେ ଯେପରି ସମସ୍ତ ସୁବିଧା ସେମାନଙ୍କୁ ମିଳିପାରିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ଥାନାକୁ ଆସୁଥିବା ଲୋକମାନଙ୍କ ମୋବାଇଲ ନମ୍ବର ଲେଖି ରଖିବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ଜିଲାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡାକ୍ତର ଶାନ୍ତନୁ ରାଉତଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ଚିକିତ୍ସା ପୂର୍ବରୁ ଯେପରି ତାଙ୍କ ନାମ ପଞ୍ଜୀକରଣ କରାଯାଉଛି ସେପରି ଫୋନ୍ ନମ୍ବର ମଧ୍ୟ ମାଗି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ସେ ଔଷଧ ବିତରଣ କକ୍ଷ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ମାର୍ଚ୍ଚ ୧୬ରେ ଜିଲାପାଳ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରାତନ ଆଉଟ ଡୋର୍‌ର ପୁନରୁଦ୍ଧାର ନେଇ ଆସିଥିବା ପ୍ରସ୍ତାବକୁ ଜିଲାପାଳ ଅନୁମୋଦନ କରିଥିଲେ। ବର୍ତ୍ତମାନ ଆଉଟ ଡୋର୍ ଗୃହର ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟ ଜିଲାପାଳ ଅନୁଧ୍ୟାନ କରିଥିଲେ। ଗଣେଶ ମନ୍ଦିର ନିକଟରେ ଚିହ୍ନଟ ହୋଇଥିବା ଜମିରେ ୫-ଟି ହସପିଟାଲ ଉକ୍ତ ଜାଗାରେ ନିର୍ମାଣ ନ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ପାଇଁ ନିର୍ମାଣ ହେବାକୁ ଥିବା କ୍ୱାର୍ଟର୍ସ ନିମନ୍ତେ ସରକାରୀ ଜମି ଯୋଗାଇ ଦେବାକୁ ତହସିଲଦାର ଧାରୁଆଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ବ୍ଲକର ଅମ୍ବାବାଲି ପଞ୍ଚାୟତ ଗସ୍ତ କରି ଚାଲିଥିବା ଭାରତମାଳା ଯୋଜନାର ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ।

## ବିଦ୍ୟାଳୟରେ ନଳକୂପ, ସୌରଚାଳିତ ପ୍ରକଳ୍ପ ଅଚଳ


ବିଦ୍ୟାଳୟର ଅଚଳ ନଳକୂପ।

ନନ୍ଦପୁର, ୨୮।୮ (ଶଙ୍କର ପୂଜାରୀ)- ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତରେ ଚମ୍ପାପୁଟ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବିଦ୍ୟାଳୟ ପରିସରରେ ଥିବା ନଳକୂପ ଓ ସୌରଚାଳିତ ପ୍ରକଳ୍ପ ବହୁଦିନ ହେଲା ଅଚଳ ହୋଇପଡିଛି। ପଥର ଯୋଡେଇରେ ନିର୍ମିତ କୂଅର ତଳଭାଗରୁ ପଥର ଖସି ଅଳିଆ ଆବର୍ଜନା ସହ ମିଶି କୂଅଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିକଳ୍ପ କିଛି ନ ଥିବାରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ବାଧହୋଇ ସେହି କୂଅର ପାଣି ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଖରା ଛୁଟି ପୂର୍ବରୁ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନେ ବ୍ଲକ ଓ ଜିଲା ଶିକ୍ଷା ବିଭାଗ, ବ୍ଲକ, ପଞ୍ଚାୟତ ପ୍ରଶାସନ ଏବଂ ନନ୍ଦପୁର ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କୁ ବିଦ୍ୟାଳୟର ୩ଟି ପାନୀୟ ଜଳ ଉତ୍ସର ମରାମତି ନିମନ୍ତେ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ବର୍ତ୍ତମାନ ବର୍ଷା ଦିନରେ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ନଳକୂପ ଓ ସୌରଚାଳିତ ପ୍ରକଳ୍ପର ମରାମତି କରି ବିପଦ ସଙ୍କୁଳ ଅବସ୍ଥାରେ ଥିବା କୂଅଟିକୁ ପୋତି ଦେବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୀମ ହନ୍ତାଳ, ଅଭିଭାବକ ଓ ପ୍ରଧାନ ଶିକ୍ଷକ ଅକ୍ଷୟ ଦାସ ପ୍ରଶାସନକୁ ନିବେଦନ କରିଛନ୍ତି। ଏନେଇ ନନ୍ଦପୁର ବ୍ଲକ ଜିପିଇଓ ବେଦାନ୍ତ ମାଝୀଙ୍କୁ ପଚାରିବାରୁ ସେ କହିଲେ, ପାଡୁଆ ପଞ୍ଚାୟତ ପିଇଓ ଓ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀଙ୍କୁ ବିଦ୍ୟାଳୟ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ନିର୍ବାଚନ ଆସିଲେ ବିଧାୟକଙ୍କ ମନେପଡ଼େ ଗାଁ କଥା: ଗ୍ରାମବାସୀ

କୋରାପୁଟ,୨୮।୮(ଅମିତାଭ ବେହେରା)

ନିର୍ବାଚନ ଆସିଲେ ବିଧାୟକଙ୍କ ସମେତ ନେତାଙ୍କ ଗାଁ କଥା ମନେପଡ଼େ। ନିର୍ବାଚନ ସରିଲେ ଆଉ ବିଧାୟକଙ୍କ ଦେଖା ମିଳେନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଧାୟକଙ୍କୁ ଦେଖିବା ପାଇଁ ଆଉ ୫ବର୍ଷ ଅପେକ୍ଷା କରିବାକୁ ପଡୁଛି ବୋଲି କହିଛନ୍ତି କୋରାପୁଟ ସଦର ବ୍ଲକ ମସ୍ତିପୁଟ ପଞ୍ଚାୟତ ଦେଶନାୟକଗୁଡା ଗ୍ରାମର ଗ୍ରାମବାସୀ । ଏହି ଗ୍ରାମରେ ୨୦ ପରିବାରର ଶତାଧିକ ଲୋକ ବାସ କରୁଛନ୍ତି। ଗ୍ରାମକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। ପୂର୍ବ ନିର୍ବାଚନ ସମୟରେ ବିଧାୟକ ରଘୁରାମ ପଡ଼ାଲ ଭୋଟ ମାଗିବା ପାଇଁ ଗ୍ରାମକୁ ଆସିଥିଲେ । ଗ୍ରାମବାସୀ ରାସ୍ତା ସମସ୍ୟା ତାଙ୍କୁ ଜଣାଇଥିଲେ । ସେ ନିର୍ବାଚିତ ହୋଇ ଆସିଲେ ଗ୍ରାମକୁ ରାସ୍ତା କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏବେ ନିର୍ବାଚନ ହେବାର ୪ବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି। ମାତ୍ର ଗ୍ରାମରେ ବିଧାୟକଙ୍କ ପାଦ ପଡ଼ି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷା ଦିନରେ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନେବାକୁ ପଡୁଛି । କୋରାପୁଟ ସଦର ମହକୁମାଠାରୁ ୧୦ କି.ମି. ଭିତରେ ଦେଶନାୟକଗୁଡା ଗ୍ରାମ ରହିଥିବା ବେଳେ ଏଥିପ୍ରତି ପ୍ରଶାସନ କି ରାଜନେତା କାହାର ଦୃଷ୍ଟି ପଡୁନି। ଗ୍ରାମକୁ ପକ୍କା ରାସ୍ତା ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏ ନେଇ ବିଧାୟକ ରଘୁରାମ ପଡ଼ାଲଙ୍କୁ ପଚାରିବାରୁ ସେ କହିଲେ, ଜଣେ ନିର୍ବାଚିତ ଲୋକପ୍ରତିନିଧି ଭାବେ ଲୋକଙ୍କ ସମସ୍ୟା ବୁଝିବା ମୋର ଦାୟିତ୍ୱ। ନିର୍ବାଚନ ପରେ ମୁଁ ଦେଶନାୟକଗୁଡା ଗ୍ରାମକୁ ୩ ଥର ଯାଇଛି। ଗ୍ରାମରେ ବେସରକାରୀ ଜମି ରହିଥିବାରୁ ରାସ୍ତା ହୋଇ ପାରୁନାହିଁ ବୋଲି ପଡାଲ କହିଛନ୍ତି। ତେବେ ରାସ୍ତା ପାଇଁ ଆମକୁ କେହି ଜମି ମାଗି ନ ଥିବା ଗ୍ରାମବାସୀ କହିଛନ୍ତି।

## କୁଷ୍ଠ,ଗୋଦରା ଗୋଡ ରୋଗ ଉପରେ ତାଲିମ କାର୍ଯ୍ୟକ୍ରମ

ଜୟପୁର, ୨୮।୮ (ପବନ ପାଣିଗ୍ରାହୀ)

ଜୟପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଜିଲା କୁଷ୍ଠ ସେଲ ଓ ଲେପ୍ରା ସୋସାଇଟି ପକ୍ଷରୁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। କୁଷ୍ଠ ଓ ଗୋଦରା ଗୋଡର ଯତ୍ନ ସମ୍ପର୍କରେ ଶିବିରରେ ତାଲିମ ପ୍ରଦାନ କରାଯାଇଥିଲା। ଜୟପୁର ସହରର ୨୦ରୁ ଊର୍ଦ୍ଧ୍ୱ କୁଷ୍ଠ ପ୍ରଭାବିତ ବ୍ୟକ୍ତି ଓ ୮ରୁ ଅଧିକ ଗୋଦରା ଗୋଡ ପ୍ରଭାବିତ ବ୍ୟକ୍ତି ଉପସ୍ଥିତ ଥିଲେ। ସେମାନେ କିପରି ନିଜସ୍ୱ ଯତ୍ନରେ ଆରୋଗ୍ୟ ହୋଇପାରିବେ ସେନେଇ ସେମାନଙ୍କୁ ଅବଗତ କରାଯାଇଥିଲା। ସେମାନଙ୍କୁ ସ୍ୱତନ୍ତ୍ର ଜୋତା ଏବଂ କେୟାର କିଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ପାତ୍ର ପରିଚାଳନା କରିଥିଲେ।

## ଜାଗା ମିଶନ୍‌ରେ କୋରାପୁଟ ମ୍ୟୁନିସିପାଲିଟି ପୁରସ୍କୃତ

କୋରାପୁଟ,୨୮।୮(ଅମିତାଭ ବେହେରା)

ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କଠାରୁ କୋରାପୁଟ ମ୍ୟୁନିସିପାଲିଟି ପୁରସ୍କୃତ ହୋଇଛି। ଭୁବନେଶ୍ୱର ଠାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ମ୍ୟୁନିସିପାଲିଟିକୁ ପୁରସ୍କୃତ କରିଛନ୍ତି। କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧ୍ୟକ୍ଷା ସବିତା ପଣ୍ଡା, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଜାଗା ମିଶନର ନୋଡାଲ ଅଧିକାରୀ ଶଶିକାନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କଠାରୁ ଗ୍ରହଣ କରିଥିଲେ। ଜାଗା ମିଶନରେ ରାଜ୍ୟର କୋରାପୁଟ ଜିଲା ସହ ଢେଙ୍କାନାଳ, ଯାଜପୁରକୁ ମିଶାଇ ୫ଟି ସହରାଞ୍ଚଳ ପୁରସ୍କୃତ ହୋଇଛନ୍ତି। କୋରାପୁଟ ମ୍ୟୁନିସିପାଲିଟିର ଏହି ସଫଳତା ପାଇଁ ନିର୍ବାହୀ ଅଧିକାରୀ, ନୋଡାଲ ଅଧିକାରୀ, କନିଷ୍ଠଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀ, ଜାଗା ମିଶନର ନୀତୀନ ଭୁକ୍ତା, ଏସଡିଏ ସଭାପତି ରବୀନ୍ଦ୍ର ଖିଲଙ୍କ ସହ ଅନ୍ୟ କର୍ମଚାରୀଙ୍କ ଅବଦାନ ରହିଛି ବୋଲି ଅଧ୍ୟକ୍ଷ ସେଠୀ ପ୍ରକାଶ କରିଛନ୍ତି।


ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଥିବା କୋରାପୁଟ ମ୍ୟୁନିସିପାଲିଟିର ଅଧ୍ୟକ୍ଷ,ଉପାଧ୍ୟକ୍ଷ ଓ ଅନ୍ୟମାନେ।

## ଚୋରି ମାମଲାରେ ପୁଣି ଜଣେ ଗିରଫ

ଜୟପୁର, ୨୮।୮ (ପବନ ପାଣିଗ୍ରାହୀ)

ଏକ ଚୋରି ମାମଲାରେ ଜୟପୁର ସଦର ପୋଲିସସୋମବାର ପୁଣି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହେଲେ ପାତ୍ରଗୁଡାର ବଳି ପରଜା ଏଲିୟସ ଜାନି (୨୪) । ଏହି ମାମଲାରେ ଗତ ୧୩ରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଗଞ୍ଜାମର ମନୋଜ ବେହେରା ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ ଯେ, ରଣ୍ଡାପାଲ୍ଲିରେ ଥିବା ଫାର୍ମ ହାଉସରେ ୱାଚମ୍ୟାନ ଭାବେ ପୀତବାସ ପରଜା ଥିଲେ। ସେ ଥିବା ଅବସ୍ଥାରେ ଫାର୍ମହାଉସରୁ ବିଭିନ୍ନ ପାୱାର ଟିଲର ସହ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି । ଗତ ଫେବୃଆରିରୁ ଜୁଲାଇ ମାସ ମଧ୍ୟରେ ପ୍ରାୟ ୧୦ ଲକ୍ଷ ଟଙ୍କାର ସମଗ୍ରୀ ଫାର୍ମହାଉସରୁ ଚୋରି ହୋଇଛି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ପୂର୍ବରୁ ୬ଜଣଙ୍କୁ ଗିରଫ କରିଥିଲଶ। ସୋମବାର ବଳିପରଜାଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

## ଗୌରବ ଆଣିଲା ଉତ୍କଳ କରାଟେ ସ୍କୁଲ


ବ୍ଲାକ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀମାନେ ।

ସୁନାବେଡା,୨୮।୮ (କୃତ୍ତିବାସ ପ୍ରଧାନ)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ କରଟେକାଙ୍କ ବ୍ଲାକ ବେଲ୍ଟ ଟେଷ୍ଟ ରବିବାର ଅନୁଷ୍ଠିତ ହୋଇଛି । ଏଥିରେ ୪୫ ଜଣ କରଟେକା ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷାରେ ଉତ୍କଳ କରାଟେ ସ୍କୁଲ ସେମିଳିଗୁଡାର ୫ କରାଟେକା ଅଦିତି ପାଣିଗ୍ରାହୀ, ନନ୍ଦିନୀ ନାୟର, ଶ୍ରେୟାଂଶ ବସ୍ତ, ଶ୍ରୁତିଶିଖା ସାହୁ ଓ ଦିବେଶ ବରାଡ଼ ଭାଗ ନେଇଥିଲେ। ସମସ୍ତ ପରୀକ୍ଷାର୍ଥୀ ବ୍ଲାକ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗୌରବ ଆଣିଛନ୍ତି । କୋଚ ସେନସେଇ ରାଜେନ୍ଦ୍ର କେଶରୀ ସାମଲ ମଧ୍ୟ ଓଡିଶା ଷ୍ଟେଟ କରାଟେ ଡୋ ଆସୋସିଏଶନ ପକ୍ଷରୁ ପରୀକ୍ଷକ ଓ ରିଫେରି ହାଂସି ପ୍ରେମଜିତ ସେନଙ୍କ ଦ୍ୱାରା ଡବ୍ଲ୍ୟୁକେଏଫର ନୂତନ ନିୟମ ଅନୁସାରେ ଅନୁଷ୍ଠିତ ରିଫେରି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । କୃତକାର୍ଯ୍ୟ ହାସଲ କରିଥିବା ସମସ୍ତ କରାଟେକା ଓ ପ୍ରଶିକ୍ଷକଙ୍କୁ ଡ. ହରି ପ୍ରସାଦ ପଟ୍ଟନାୟକ ,ମନୋଜ ପଟ୍ଟନାୟକ, ଗୌରୀ ମହାନ୍ତି ପ୍ରମୁଖ ଜଣାଇଛନ୍ତି ।

## ଜୟପୁରର ରଘୁନାଥ ଚଢ଼ିଲେ କିନୋର କୈଳାସ ପର୍ବତ

ଜୟପୁର, ୨୮।୮ (ପବନ ପାଣିଗ୍ରାହୀ)

**ଦେଶର ୫ କୈଳାସ ପର୍ବତ ମଧ୍ୟରୁ ଅନ୍ୟତମ**



ଡଙ୍ଗରିଆ ସଙ୍ଗଠନର ସଦସ୍ୟ ରଘୁନାଥ ସ୍ୱାଇଁ ପ୍ରଥମ କୋରାପୁଟିଆ ଭାବରେ ହିମାଚଳ ପ୍ରଦେଶର ପଞ୍ଚ କୈଳାସ ପର୍ବତର କିନୋର କୈଳାସ ପର୍ବତ ଚଢିଛନ୍ତି । କିନୋର କୈଳାସ ହେଉଛି ସବୁଠାରୁ ଉଚ୍ଚ ପର୍ବତ । ଏହି ପର୍ବତ ସମୁଦ୍ରପତ୍ତନଠାରୁ ୬ ହଜାର ୫୦ ମିଟର ଉଚ୍ଚରେ ରହିଛି। ପୃଥବୀର ଦୁର୍ଗମ ପାହାଡ ଶୃଙ୍ଖଳା ଭିତରୁ ଏହା ଏକ ଅନ୍ୟତମ । ପୃଥିବୀର ପଞ୍ଚ କୌଳାସ ଭିତରୁ ମଧ୍ୟ ଏହା ଏକ ଅନ୍ୟତମ ପର୍ବତ । ଆଜି ଯାଏ କେହି କୋରାପୁଟ ଜିଲାର ଏହି ପର୍ବତ ଚଢିପାରି ନ ଥିଲେ। ଜିଲାର ଏକମାତ୍ର ବ୍ୟକ୍ତି ଭାବେ ରଘୁନାଥ ଏହି କିନୋର କୈଳାସ ଚଢିପାରିଛନ୍ତି। ସେ ରବିବାର ଏହି ପର୍ବତ ଚଢା ଅଭିଯାନ ଆରମ୍ଭ କରି ସୋମବାର ପୂର୍ବାହ୍ନ ୧୧ଟାରେ କିନୋର କୈଳାସରେ ପହଞ୍ଚିଥିଲେ। ସେଠାରେ ମହାଦେବଙ୍କ ଦର୍ଶନ କରି ୧ଘଣ୍ଟା ବିତାଇ ପର୍ବତରୁ ଓହ୍ଲାଇଛନ୍ତି । ମଙ୍ଗଳବାର ରଘୁନାଥ ସାଙ୍ଗଲା ବେଶ୍ କ୍ୟାମ୍ପରେ ପହଞ୍ଚିବେ ବୋଲି ଜଣାପଡିଛି। ଜୟପୁର ନୁଆସାହି ପଞ୍ଚମ ଲାଇନରେ ରହୁଥିବା ରଘୁନାଥଙ୍କ ଏହି ସଫଳତା ଖବର ମିଳିବା ପରେ କୋରାପୁଟ ଜିଲାରେ ଖୁସିର ଲହରି ଖେଳିଯାଇଛି । ସୂଚନାଯୋଗ୍ୟ, ଉଲ୍ଲେଖିତ ପଞ୍ଚ କୈଳାସ ପର୍ବତଗୁଡିକ ହେଲା ଚାଇନାରେ ଥିବା କୈଳାସମାନ ସରୋବର, ଉତ୍ତରାଖଣ୍ଡର ଆଦି କୈଳାସ, ହିମାଚଳ ପ୍ରଦେଶର ଶ୍ରୀଖଣ୍ଡ ମହାଦେବ, ମଣି ମହେଶ ଓ କିନୋର କୈଳାସ ପର୍ବତ ।

## ବେଆଇନ ପଲିଥିନ ଉତ୍ପାଦନ କମ୍ପାନୀ ସିଲ୍

ଜୟପୁର, ୨୮।୮ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ବାଙ୍କବିଜାରେ ଏକ ପିଲିଥିନ ଉତ୍ପାଦନ କମ୍ପାନୀକୁ ସିଲ୍ କରାଯାଇଛି । ଜିଲା ପ୍ରଶାସନ ନିର୍ଦ୍ଦେଶରେ ତହସିଲଦାର ସାଗରିକା ଷଡଙ୍ଗୀ କମ୍ପାନୀ ଉପରେ ଚଢାଉ କରି ଏହାକୁ ସିଲ କରିଛନ୍ତି। ଏଠାରେ ଥିବା ଅମାୟରା ଇଣ୍ଟରପ୍ରାଇଜେସ ବେଆଇନ ପଲିଥିନ ଉତ୍ପାଦନ କରୁଥିବା ଅଭିଯୋଗ ହୋଇ ଆସୁଥିଲା । ଏନେଇ ସୋମବାର ଚଢାଉ କରାଯାଇଥିଲା। ଚଢାଉ ବେଳେ ରାଜ୍ୟ ପ୍ରଦୂଷଣ ବୋଡର ରିଜୋନାଲ ଅଫିସର ଦିପେଶ ବିଶ୍ୱାଳ, ସହକାରୀ ପରିବେଶ ବୈଜ୍ଞାନିକ ତନ୍ମୟ ଖାଡଙ୍ଗା, ଟାଟା ପାୱାରର ଏସଡିଓ ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାକୃତିକ ଭାବେ ପଚନ ଶିଳ ବ୍ୟାଗ ନିର୍ମାଣ କରିବାକୁ ଏହି କମ୍ପାନୀକୁ ଅନୁମତି ପ୍ରଦାନ କରାଯାଇଥିଲା। ଜୁଲାଇ ମାସରେ ଉକ୍ତ କମ୍ପାନୀ ଉପରେ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଚଢାଉ କରାଯାଇଥିଲା । ସେତେବେଳେ କମ୍ପାନୀ ୭୫ ମାଇକ୍ରୋନର ପଲିଥିନ ଉତ୍ପାଦନ କରୁଥିବା ଜଣାପଡିଥିଲା। ଗତ ଜୁଲାଇ ମାସରେ ତାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । କମ୍ପାନୀ ତାର ଉତ୍ପାଦନରେ ସୁଧାର ନ ଆଣିବାର


ପଲିଥିନ ଉତ୍ପାଦନ କମ୍ପାନୀକୁ ସିଲ୍ କରିଥିବା ଅଧିକାରୀମାନେ।

**ଅଗାମୀ ଦିନରେ ଚଢାଉ ଜାରି ରହିବ: ରାଜ୍ୟ ପ୍ରଦୂଷଣ ବୋର୍ଡ ଅଧିକାରୀ**

ସୋମବାର ଜିଲା ପ୍ରଶାସନ ନିର୍ଦ୍ଦେଶରେ ଚଢାଉ କରି ଏହାକୁ ସିଲ୍ କରାଯାଇଛି। ରାଜ୍ୟ ପ୍ରଦୂଷଣ ବୋର୍ଡର ରିଜୋନାଲ ଅଫିସର ବିଶ୍ୱାଳ କହିଛନ୍ତି ଯେ, ୧୨୦ ମାଇକ୍ରୋନରୁ କମ ପଲିଥିନ ବ୍ୟବହାର ନ କରିବା ଲାଗି ସରକାରଙ୍କ ପକ୍ଷର ବାରଣ କରାଯାଇଛି। କେତେକ ସଂସ୍ଥା ଏହାକୁ ବେଆଇନ ରୂପେ କରୁଥିବାରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ଏହି ଚଢାଉ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସେ କହିଥିଲେ।

## ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ମାନିତ

ଜୟପୁର,(ପବନ ପାଣିଗ୍ରାହୀ)-ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସୋମବାର ଭୁବନେଶ୍ୱରରେ କଳିଙ୍ଗ ଷ୍ଟାଡିୟମ ଆୟୋଜିତ ଏକ ଉତ୍ସବରେ ସମ୍ମାନିତ କରାଯାଇଛି । କେସିଙ୍ଗାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ବେଳେ ସେ ୨ଟି ବିସ୍ଥାପିତ ବସ୍ତିକୁ ବସ୍ତି ଥଇଥାନ ଯୋଜନାରେ ଥଇଥାନ କରି ଏକ ଆଦର୍ଶ ବସ୍ତି ନିର୍ମାଣ କରିଥିଲେ। ସେତେବେଳେ ସେହି ବସ୍ତିକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ଅବଦାନ ପାଇଁ ନିର୍ବାହୀ ଅଧିକାରୀ ପଟ୍ଟନାୟକଙ୍କୁ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଉଷା ଦେବୀ ସମ୍ମାନିତ କରିଛନ୍ତି।

**ସଂକ୍ଷେପରେ**

## ଅର୍ଥାଭାବରୁ ହୋଇ ପାରୁନି ଚିକିତ୍ସା



ମାଥିଲି ୨୮।୮ (ସୁବାଷ ଚନ୍ଦ୍ର ଖୁଡୁପିଆ )

ମାଲକାନଗିରି ଜିଲା ମାଥିଲି ବ୍ଲକ ତେମୁରୁପାଲି ପଞ୍ଚାୟତ ଟେମୁରୁପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଦୁର୍ମାଗୁଡା ବୁଦ୍ଧ ପୂଜାରୀଙ୍କ ଝିଅ ଲଳିତା ପୂଜାରୀ (୧୩)ଙ୍କ ଆଣ୍ଠୁ ପାଖରେ ଏକ ଘା ହୋଇ ମାଂସ ପଚି ପୂଜ ବାହାରି ଲାଣି । ଲଳିତାଙ୍କୁ ବର୍ଷ ବର୍ଷ ଧରି ଚିକିତ୍ସା କରିବା ପରେ ବି ସୁସ୍ଥ ହୋଇପାରୁ ନାହାନ୍ତି । ଦିନକୁ ଦିନ ଏହି ଘା ବଢିବାରେ ଲାଗିଛି । ପରିବାର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଅଧିକ ଚିକିତ୍ସା ପାଇଁ ବାହାରକୁ ନେଇ ପାରୁନାହାନ୍ତି । ପିଲାର ଚିକିତ୍ସା ଲାଗି ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି ।

## ଫେରାର ଅଭିଯୁକ୍ତ ଗିରଫ

କୋରୁକୋଣ୍ଡା, ୨୮।୮ (ଅବିନାଶ ବେହେରା)



ମାଲକାନଗିରି ଜିଲା ଓରକେଲ ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି । ସେ ହେଲେ କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଡେଲ ଗ୍ରାମର ରାମମୂର୍ତ୍ତି ଖରା(ଜିତରୁ) । ୨୦୨୨ରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଓରକେଲ ପୋଲିସ ନଂ-୧୧୯/୨୨ରେ ରାମମୂର୍ତ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ସେ ଜାମିନରେ ଆସି କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ଉପସ୍ଥିତ ହେଉ ନ ଥିଲେ । ସେଥିଲାଗି ରାମମୂର୍ତ୍ତିଙ୍କ ବିରୋଧରେ ଅଦାଲତ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ । କିନ୍ତୁ ରାମମୂର୍ତ୍ତି କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ବାହାର ରାଜ୍ୟକୁ ଫେରାର ହେବାକୁ ଉଦ୍ୟମ କରୁଥିଲେ । ତେବେ ଓରକେଲ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ରାମମୂର୍ତ୍ତିଙ୍କୁ ମାଲକାନଗିରି-ଜୟପୁର ମୁଖ୍ୟ ରାସ୍ତାର କୁଡୁମୁଲୁଗୁମ୍ମା ଅଞ୍ଚଳରୁ ଏକ ଯାତ୍ରୀବାହୀ ବସ୍‌ରୁ ଗିରଫ କରିଥିଲା । ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

## ଶର୍ଟ ସର୍କିଟ ଯୋଗୁ ଜଳିଗଲା ମୋଟରସାଇକେଲ



ଡାବୁଗାଁ, ୨୮।୮ (ପ୍ରଜ୍ଞାରଞ୍ଜନ ପରିଡା)

ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ବଜାରର ମଧ୍ୟ ଭାଗରେ ପୋଲିସ ବିଟ୍‌ହାଉସ କଡରେ ଥିବା ଗ୍ୟାରେଜରେ ଶର୍ଟସର୍କିଟ ଯୋଗୁ ଏକ ମୋଟର ସାଇକେଲରେ ନିଆଁ ଲାଗି ଜଳି ଯାଇଛି । ଏକ ପଲସର ଗାଡି ମରାମତି କରିବାକୁ ଜଣେ ବ୍ୟକ୍ତି ଗ୍ୟାରେଜରେ ଦେଇଥିଲେ । ସୋମବାର ଅପରାହ୍ନ ପ୍ରାୟ ୪ଟାରେ ମେକାନିକ ଗାଡିରେ ବ୍ୟାଟେରୀ ଲଗାଉଥିବା ସମୟରେ ସର୍ଟସର୍କିଟ ଘଟି ଗାଡିରେ ନିଆଁ ଲାଗିଯାଇଥିଲା । ପାଖରେ ଥିବା ଲୋକେ ବାଲି, ପାଣି ଓ ବସ୍ତା ପକାଇ ନିଆଁ ଲିଭାଇ ଥିଲେ । ଫଳରେ ଗାଡିଟି ଅଧା ଜଳି ଯାଇଥିବା ଦେଖିବାକୁ ମିଳିଛି ।

# ‘ଗାଁ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ

ମାଲକାନଗିରି, ୨୮।୮ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଗଙ୍ଗଲାଗୁଡ଼ା ଗ୍ରାମରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ତରଫରୁ ‘ଗାଁ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଙ୍ଗଲାଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା । ଉତ୍କଳ ସମ୍ମିଳନୀ ଶାଖା ସଭାପତି ତଥା ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଞ୍ଜନ କୁମାର ସାଇଁ,ଉତ୍କଳ ସମ୍ମିଳନୀ ଆଜୀବନ ସଦସ୍ୟ ରବୀନ୍ଦ୍ର କୁମାର ମହାରଣା, ବନପାଳ ସାରୁ କଣ୍ଡ୍ରାସି, ପ୍ରଧାନ ଶିକ୍ଷୟିତ୍ରୀ ଅମିତା ଦେଇ, ସହକାରୀ ଶିକ୍ଷୟିତ୍ରୀ ରମଳା ମାଡ଼କାମି ଯୋଗ ଦେଇଥିଲେ । ପ୍ରାରମ୍ଭରେ ଉତ୍କଳ ସମ୍ମିଳନୀ ଶାଖା, ବନ ବିଭାଗ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗଙ୍ଗଲାଗୁଡ଼ାର ଜାତୀୟ ସବୁଜ ବାହିନୀ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ତିରିଶରୁ ଊର୍ଦ୍ଧ୍ୱ ଅଁଳା, ବଉଳ, କରଞ୍ଜ, ଲିମ୍ବ, ଆତ, ସଜନା, ଚମ୍ପା ଓ ପେସ୍ତା ଆଦି ଚାରାରୋପଣ କରାଯାଇଥିଲା । ପରେ ୪୬ ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ ଚନ୍ଦ୍ର ମାଢ଼ି, ସୁବାସ ପଡ଼ିଆମି ଓ ଦଶରଥ ମାଢ଼ି, ଗ୍ରାମବାସୀ ଓ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ପିଲାମାନଙ୍କ ଦ୍ୱାରା ଚାରା ରୋପଣ କରାଯାଉଛି ।

ସାଗତ ସମ୍ବର୍ଦ୍ଧନା ପରେ ଉତ୍କଳ ସମ୍ମିଳନୀ ସଭାପତି ତଥା ଜିଲା ଯୁବ ରେଡକ୍ରସ ଆବାହକ ଡ. ସ୍ୱାଇଁ ଚାରାରୋପଣର ଆବଶ୍ୟକତା, ସ୍ୱାସ୍ଥ୍ୟ ପରିମଳ, ପରିଷ୍କାର ପରିଚ୍ଛନ୍ନତା ଉପରେ ସଚେତନ କରାଇଥିଲେ । ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସରସ୍ୱତୀ ଶିଶୁ ମନ୍ଦିର ସଭାପତି ରବୀନ୍ଦ୍ର କୁମାର ମହାରଣା ବିଶ୍ୱତାପନ ଓ ପରିବେଶର ସୁରକ୍ଷା ବର୍ତ୍ତମାନ ଯୁଗରେ ଶିକ୍ଷାର ଆବଶ୍ୟକତା, ଶିକ୍ଷାଗ୍ରହଣ ପାଇଁ ଥିବା ସୁବିଧା ସୁଯୋଗ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଅମିତା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୀମାନ୍ତରେ ପୋଲିସ ଗୁଳିରେ ମାଓବାଦୀ ମୃତ



ଜବତ ମାଓବାଦୀ ସାମଗ୍ରୀ ।

ମାଲକାନଗିରି, ୨୮।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ପୋଲିସ-ମାଓବାଦୀ ଗୁଳି ବିନିମୟରେ ସୋମବାର ଜଣେ ମାଓବାଦୀଙ୍କର ମୃତ୍ୟୁ ହୋଇଥିବା ବେଳେ ବହୁ ସାମଗ୍ରୀ ଜବତ କରାଯାଇଛି । ସୂଚନା ଅନୁଯାୟୀ, ଛତିଶଗଡ ଧମତରି ଜିଲାର ଇକାଭାରି ଜଙ୍ଗଲରେ ମାଓବାଦୀମାନଙ୍କର ଏକ ବୈଠକ ହେଉଥିବା ବିଷୟରେ ସୂଚନା ପାଇ ଡିଆରଜି ଓ ସିଏଏଫର ଯବାନମାନେ ସର୍ଚ୍ଚ ଅପରେଶନରେ ବାହାରିଥିଲେ । ଏହି ସମୟରେ ଇକାଭାରି ଜଙ୍ଗଲ ନିକଟରେ ପହଞ୍ଚିବା ପରେ ଯବାନଙ୍କୁ ଦେଖି ପ୍ରାୟ ୨୦ ଜଣ ସଶସ୍ତ୍ର ମାଓବାଦୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ । ତେବେ ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇ ଗୁଳିଚାଳନା କରିଥିଲେ । ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିବା ବେଳେ ପ୍ରାୟ ୮୦ ରାଉଣ୍ଡ ଗୁଳି ଚଳା ଯାଇଥିଲା । ଯବାନଙ୍କ ସାମ୍ନା କରିନପାରି ମାଓବାଦୀମାନେ ଘଞ୍ଚ ଜଙ୍ଗଲକୁ ପଳାଇ ଯାଇଥିଲେ । ଏହାପରେ ଯବାନମାନେ ସେଠାରେ ସର୍ଚ୍ଚ ଅପରେଶନ କରିବା ବେଳେ ଜଣେ ମାଓବାଦୀଙ୍କ ମୃତ ଦେହ, ଦୁଇଟି ୩୦୩ ବନ୍ଧୁକ, ବିଭିନ୍ନ ସାମଗ୍ରୀ ଜବତ କରିଥିଲେ । ତେବେ ଏହି ଗୁଳି ବିନିମୟରେ ଆହୁରି ଅଧିକ ମାଓବାଦୀଙ୍କ ମୃତ୍ୟୁ ଏବଂ ଆହତ ହେବାର ସମ୍ଭାବନା ରହିଥିବା ଯବାନମାନେ କହିଛନ୍ତି । ମୃତ ମାଓବାଦୀଙ୍କର ପରିଚୟ ମିଳି ନ ଥିବା ବେଳେ ଘଟଣାସ୍ଥଳରେ ସର୍ଚ୍ଚ ଅପରେଶନ ଜାରି ରହିଛି ।

## ଆସିଲାନି ଆମ୍ବୁଲାନ୍ସ, ଖଟରେ ବୁହା ହେଲେ ରୋଗୀ

ଏମ୍‌ଭି ୭୯, ୨୮।୮ (ଭିକି ବାରିକ)

ମାଲକାନଗିରି ଜିଲା କାଳିମେଳା ବ୍ଲକ ତାଣ୍ଡବାଇ ପଞ୍ଚାୟତ ଏମ୍‌ଭି ୭୯ ଗ୍ରାମର ନୂଆଗୁଡ଼ାରେ ସ୍ତ୍ରୀ ଅବନ୍ତି ସୁନା (୪୫) । ଅବନ୍ତିଙ୍କର ଦୁଇଟି କିଡ୍‌ନୀ ପ୍ରାୟ ୫ ମାସରୁ ଖରାପ ହୋଇଯାଇଛି । ଗତ ୩ ମାସରୁ ମାଲକାନଗିରି ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ ଥରରୁ ଅଧିକ ଡ଼ାଏଲିସିସ୍ କରାଯାଇ ସାରିଲାଣି । ସୋମବାର ତାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ମାଲକାନଗିରି ଚିକିତ୍ସାଳୟ ନିଆଯିବା ଆବଶ୍ୟକ ପଡ଼ିଲା । କିନ୍ତୁ ଗ୍ରାମକୁ ପ୍ରାୟ ଅଧା କିଲୋମିଟର ଦୂରରେ ଆମ୍ବୁଲାନ୍ସ ରହିଯାଇଥିଲା । କାରଣ ନୂଆଗୁଡ଼ା ଗ୍ରାମ ରାସ୍ତାରେ ଥିବା ଜମି ଚାଷ ହୋଇଥିବାରୁ ଆମ୍ବୁଲାନ୍ସ ଆସିପାରିଲା ନାହିଁ । ଶେଷରେ ଗ୍ରାମବାସୀ ଅବନ୍ତିଙ୍କୁ ଖଟରେ ବୋହି ଆମ୍ବୁଲାନ୍ସ ପାଖରେ ଆଣିଥିଲେ । ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ରାସ୍ତା ବିଷୟରେ ଅବଗତ କରାଇ ଥିଲେ ମଧ୍ୟ ପ୍ରଶାସନ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ନୂଆଗୁଡା ସାହି ବାସୀ ଅଭିଯୋଗ କରିଛନ୍ତି ।

**ନୂଆଗୁଡ଼ା ସାହି ରାସ୍ତା ଖରାପ**



ଖଟରେ ରୋଗୀଙ୍କୁ ବୋହି ନିଆଯାଉଛି ।

## ମଡେଲ ଡିଗ୍ରୀ କଲେଜରେ ଚକ୍ଷୁଦାନ ସଚେତନତା ପକ୍ଷ ପାଳିତ

ନବରଙ୍ଗପୁର, ୨୮।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତିରଲିଆମ୍ବାଗୁଡ଼ାରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଜିଲା ସ୍ୱାସ୍ଥ୍ୟ ସମିତି ନବରଙ୍ଗପୁର ମିଳିତ ଆନୁକୂଲ୍ୟରେ ଚକ୍ଷୁଦାନ ସଚେତନତା ପକ୍ଷ ୨୦୨୩ ପାଳନ କରାଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ଼ ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡାକ୍ତର ନବକିଶୋର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚକ୍ଷୁଦାନ ଦିବସ ଉପରେ ଆଲୋଚନା କରିଥିଲେ । ଏଡିପିଏଚଇଓ ରାମ ହରି ପଣ୍ଡା, ଏଏମଏମ୍ବିଡ଼ି ତରୁଣ କୁମାର ସାହୁ, କାଉନସିଲର କୃଷ୍ଣଚନ୍ଦ୍ର ମେହେର, ଡିଇଓ ଡି. ଶ୍ରବଣ କୁମାର ଯୋଗ ଦେଇଥିଲେ । ପରେ ଏକ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଯେଉଁମାନେ ଏଥିରେ କୃତିତ୍ୱ ହାସଲ କରିଥିଲେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜାତୀୟ ସେବା ଯୋଜନା ଅଧିକାରୀ ସହକାରୀ ପ୍ରଫେସର ରାଜୀବ ଜାଲ ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପିକା ଜିଭିଭି ରଞ୍ଜିତା ଧନ୍ୟବାଦ ଅର୍ପଣପରେ ସମସ୍ତ ଛାତ୍ରଛାତ୍ରୀ ଓ ଅତିଥି ମିଳିତ ଭାବେ ଏକ ରାଲିରେ ପୋଷ୍ୟ ଗ୍ରାମତୀର୍ଲି ଆମ୍ବଗୁଡ଼ା ପରିକ୍ରମା କରି ଗ୍ରାମବାସୀଙ୍କୁ ଆଜିର ଦିବସ ବିଷୟରେ ଅବଗତ କରାଇଥିଲେ । ରାଲିରେ ଶ୍ରବଣ କୁମାର ପୂଝାରୀ, ସୁଲୋଚନା ନାୟକ, ଧନର ମାଝି, ପଲ୍ଲବୀ ସାହୁ, ବିକ୍ରମ ଭକ୍ତ, ସୁମନ୍ତ ବଘେଲ, ସନ୍ଧ୍ୟା ରାଣୀ ପାଢ଼ୀ ତଥା ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସାମିଲ ଥିଲେ ।

## ବିଡିଓଙ୍କୁ ଯୋଗାଣ ସହାୟକଙ୍କ ସ୍ମାରକପତ୍ର



ଯୋଗାଣ ସହାୟକମାନେ ବିଡିଓଙ୍କୁ ସ୍ମାରକପତ୍ର ଦେଉଛନ୍ତି ।

ମାଥିଲି, ୨୮।୮ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଯୋଗାଣ ସହାୟକମାନେ ୬ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ବିଡିଓ ହୃଷୀକେଶ ଗଣ୍ଡଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ରାଜ୍ୟ ଯୋଗାଣ ସହାୟକ ସଂଘ ଆହ୍ୱାନକ୍ରମେ ଦିଆଯାଇଥିବା ସୂଚନା ଦିଆଯାଇଛି । ଏହା ସହ ଅଗଷ୍ଟ ୨୮ରୁ ସାମୂହିକ ଛୁଟି ନେଇ ସଂଘ ଆହ୍ୱାନକ୍ରମେ ଭୁବନେଶ୍ୱରରେ ଆନ୍ଦୋଳନରେ ଯୋଗଦେବେ ବୋଲି ଜଣାଇଛନ୍ତି । ଦାବି ମଧ୍ୟରେ ଯୋଗାଣ ସହାୟକଙ୍କ ଚାକିରି ସ୍ଥାୟିତ୍ୱ ଓ ମାସିକ ଦରମା ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯିବା ସହ ତାଙ୍କ ନାମରେ ପିଡିଏସ୍ ଲାଇସେନ୍ସ ପ୍ରଦାନ କରିବା ସହ ପରିବାରବର୍ଗର ଜଣେ ସଦସ୍ୟଙ୍କୁ ଚାକିରି ଦିଆଯିବା, ଇପିଏଫ ଓ ଏସ୍‌ଡିବିଏସ୍ ପରିଚାଳନାରେ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ଆଦି ଦାବି ରହିଛି । ବିଡିଓ ଗଣ୍ଡ ସ୍ମାରକପତ୍ର ଗ୍ରହଣ କରିବା ସହ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି ।

## ଘଟଣାସ୍ଥଳରେ ଆଲୋଚନା କଲେ ବିଧାୟକ

**ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଧାରଣା**

ମାଲକାନଗିରି, ୨୮।୮ (ଦୁର୍ଯ୍ୟୋଧନ ପାତ୍ର)

ସାରା ରାଜ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ କଲମଛାଡ ଆନ୍ଦୋଳନ ଯୋଗୁ ଅଧିକାଂଶ ପଞ୍ଚାୟତରେ ଗତ ୧୧ ଦିନ ଧରି କାମ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିଥିବା ଏହି ଆନ୍ଦୋଳନ ପ୍ରତି ଜିଲାରେ ଚାଲିଥିବା ବେଳେ ମାଲକାନଗିରିରେ ମଧ୍ୟ ଏହା ଜାରି ରହିଛି । ତେବେ ମାଲକାନଗିରିରେ ଜରିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଏହି ଧାରଣା ସ୍ଥଳରେ ପୂର୍ବରୁ ଚିତ୍ରକୋଣ୍ଡା ବିଧାୟକ ଯାଇ ସେମାନଙ୍କ ସହ ଆଲୋଚନା କରିଥିବା ବେଳେ ଆଜି ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ୀ ମଧ୍ୟ ଏହି ଆନ୍ଦୋଳନ ସ୍ଥଳରେ ପହଞ୍ଚି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ସେମାନଙ୍କ ଦାବି ଯଥାର୍ଥ । ରାଜ୍ୟ ସରକାର ଏହା ଉପରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ ।



ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଧାରଣାରେ ବସିଛନ୍ତି ।

## ମହିଳା କର୍ମଚାରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପାପଡାହାଣ୍ଡି, ୨୮।୮ (ସ୍ୱପ୍ନଜିତ ପଟ୍ଟନାୟକ)

ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟର ମହିଳା କର୍ମଚାରୀ ମାତମି ରମିଙ୍କ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ଗତ କିଛି ଦିନ ହେଲା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନ ଥିବାରୁ ସେ ମାଲକାନଗିରି ଜିଲା ପଡିଆରେ ରହୁଥିଲେ । ତାଙ୍କୁ ଉଚ୍ଚ ରକ୍ତଚାପ ଥିବାବେଳେ ହଠାତ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେ ଗତ ୧୨ ବର୍ଷ ଧରି ବ୍ଲକରେ ପିଅନ ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ବିୟୋଗରେ ବିଡ଼ିଓ ଦିବାକର ବାଗଙ୍କ ଅଧକ୍ଷତାରେ ବ୍ଲକ କାର୍ଯ୍ୟାଳୟରେ ଏକ ଶୋକ ସଭାର ଆୟୋଜନ କରାଯାଇ ଦିବଂଗତ ଆତ୍ମାର ସଦଗତି କାମନା କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

## ଚିତ୍ରକୋଣ୍ଡା ବ୍ଲକ: ୧୭ ଅଭିଯୋଗ ଶୁଣିଲେ ଜିଲାପାଳ

ଚିତ୍ରକୋଣ୍ଡା, ୨୮।୮ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ଜିଲାପାଳ ବିଶାଲ ସିଂଙ୍କ ସୋମବାର ଅଭିଯୋଗ ଶୁଣାଣି କରିଥିଲେ । ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ୧୭ ଅଭିଯୋଗର ଶୁଣାଣି କରି ଥିଲେ । ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ଏସ୍‌ପି ନୀତିଶ ୱାଧେୱାନି,ପିଡି ଡିଆରଡିଏ ରତ୍ନାକର ସାହୁ, ପିଏ ଆଇଟିଡିଏ, ଏଡିଏମ୍ ତ୍ରିନାଥ ମାଝି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ,ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦ, ଆଡିସିନାଲ ଏସ୍‌ପି, ଜିଲା ମଙ୍ଗଳ ଅଧିକାରୀ,ଚିତ୍ରକୋଣ୍ଡା ବିଡିଓ ରଘୁନାଥ ମୁଣ୍ଡାରୀ, ତହସିଲଦାର ଟି. ପଦ୍ମନାଭ ଦୋରା ପ୍ରମୁଖ ଉପସ୍ଥିତ ଥିଲେ । ୧୭ ଅଭିଯୋଗ ମଧ୍ୟରୁ ୪ ଟି ବ୍ୟକ୍ତିଗତ ଥିବା ବେଳେ ୧୪ଟି ସାମୁହିକ ରହିଥିଲା । ଜନ ଶୁଣାଣି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ଏବଂ ସମସ୍ତ ପଞ୍ଚାୟତ ସରପଞ୍ଚ ଉପସ୍ଥିତ ଥିଲେ । ଚିତ୍ରକୋଣ୍ଡାରେ ଆହାର କେନ୍ଦ୍ର ନିର୍ମାଣ, ସବ୍‌ଡିଭିଜନ ମାନ୍ୟତା, ଏସ୍‌ଡିଜେଏମ୍ କୋର୍ଟ ସ୍ଥାପନ, ଉପଖଣ୍ଡ ଚିକିତ୍ସାଳୟକୁ କ୍ଷମତା ହସ୍ତାନ୍ତର ଏବଂ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ସହିତ ଉପାନ୍ତ ଅଞ୍ଚଳବାସୀଙ୍କ ନିମନ୍ତେ ରାସ୍ତା ଘାଟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ନିମନ୍ତେ ଦରଖାସ୍ତ କରିଥିଲେ । ସେହିଭଳି ଉପାନ୍ତ ଅଞ୍ଚଳକୁ ବିଦ୍ୟାଳୟ, ଶିକ୍ଷକ ସମସ୍ୟା ଦୂର କରିବା ଆବେଦନ ହୋଇଥିଲା ।

## ବିଜେଡି ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

**୪୪ ୟୁନିଟ ରକ୍ତ ସଂଗ୍ରହ**

ମାଲକାନଗିରି, ୨୮।୮ (ନୃସିଂହ ଚରଣ ମହାନ୍ତି/ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିଜିଲା ସଦର ବ୍ଲକ ଚାଲାଣଗୁଡ଼ା ପଞ୍ଚାୟତ ସିଆଡ଼ିମାଳ ଗ୍ରାମରେ "ଓଡ଼ିଶା-ମୋ ପରିବାର" ଆନୁକୂଲ୍ୟରେ ଜୀବନ ବିନ୍ଦୁ ସଂଯୋଜକ ତଥା ପୂର୍ବତନ ବିଧାୟକ ମାନସ ମାଡକାମିଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ହୋଇଥିଲା । ଏଥିରେ ୪୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ପଣ୍ଡା, ବିଜେଡି ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା, ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ, ଜିଲା ଯୁବ ଉପ ସଭାପତି କଣ୍ଟେଶ୍ୱର ପୋଟଲା,ଜିଲା ଛାତ୍ର ସଭାପତି ତାପସ ରଞ୍ଜନ ନାଏକ,ମାଲକାନଗିରି ବ୍ଲକ ସଭାପତି ବିଭାଂଶୁ ସାମଲ,ଚାଲାଣଗୁଡ଼ା ପଞ୍ଚାୟତ ସଭାପତି ଦିବସ ମିସ୍ତ୍ରି, ପୂର୍ବତନ ବିଧାୟକ ପ୍ରତିନିଧି ବିକାଶ ମଣ୍ଡଳ,ଶୁକଦେବ ବୈରାଗୀ, କେ.ରାହୁଲ, ପୂର୍ବତନ ଜିଲ୍ଲା ଛାତ୍ର ସମ୍ପାଦକ ସତ୍ୟଜିତ ଗୌଡ଼, ବ୍ଲକ ଛାତ୍ର ସମ୍ପାଦକ ରାକେଶ ବାଲା, ପୌର ପରିଷଦ ଛାତ୍ର ସଭାପତି ଶଙ୍କର ପାଣିଗ୍ରାହୀ, ଇନ୍ଦୁ ସରକାର ଓ ଲକ୍ଷ୍ମଣ ସଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ ।



ରକ୍ତ ସଂଗ୍ରହ କରାଯାଉଛି ।

## ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟପାଳ ଉଦ୍ଦେଶ୍ୟରେ ଦାବିପତ୍ର

ମାଲକାନଗିରି, ୨୮।୮ (ନୃସିଂହ ଚରଣ ମହାନ୍ତି)

ଚାଷୀଙ୍କ ୭ ଦଫା ଦାବୀ ନେଇ ସୋମବାର ମାଲକାନଗିରି ଜିଲା ଶାଖା ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ବିଜୟ ବୈରାଗୀଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ମାଲକାନଗିରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜ୍ୟପାଳଙ୍କ ଉଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ । ନବୀନ ପଟ୍ଟନାୟକଙ୍କ ସରକାରରେ ଚାଷ ଓ ଚାଷୀଙ୍କ ପାଇଁ କୋଣସି ଅଗ୍ରାଧିକାର ନାହିଁ କିମ୍ବା ପ୍ରାଥମିକତା ନାହିଁ, ଚାଷୀଙ୍କ ଉନ୍ନତି କଲା ଭଳି କିମ୍ବା ସୁରକ୍ଷା ଦେଲା ଭଳି କୌଣସି ଯୋଜନା ନାହିଁ, ରାଜ୍ୟ ଯାକ ଚାଷୀ ଘୋର ଦୁଃଖ ଓ ନୈରାଶ୍ୟରେ ରହୁଛନ୍ତି । ସେମାନଙ୍କ ପାଇଁ ବିଜେଡି କିଛି କରୁନଥିବା ବେଳେ ରାଜ୍ୟପାଳ ସାମ୍ବିଧାନିକ କ୍ଷମତା ପ୍ରୟୋଗ କରିବା ସହ ଚାଷୀଙ୍କ ସୁବିଧା କରିବାକୁ ଦାବିପତ୍ରରେ ଅନୁରୋଧ କରିଛନ୍ତି ।

ଦାବି ଗୁଡ଼ିକ ମଧ୍ୟରେ ରାଜ୍ୟ ସାରା କୃଷି ଯନ୍ତ୍ରପାତି କିଣାରେ ଦିଆଯାଇଥିବା ରିହାତି କାରବାରରେ ଦୁର୍ନୀତିର ସିବିଆଇ ତଦନ୍ତ, ଧାନ କିଣାରେ ମଣ୍ଡିରେ ଦୁର୍ନୀତି, ରିହାତି ମୂଲ୍ୟ ସାରର ଦୁର୍ନୀତି, ଖରିପ ଧାନ ଚାଷର ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ରାଜ୍ୟ ସରକାର ବହନ କରିବା କହି ନ କରିବା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ପାଇବା ପାଇଁ ସମସ୍ତ ଚାଷୀଙ୍କ ନାମ ରାଜ୍ୟ ସରକାର ଦେଇନଥିବାରୁ ଚାଷୀ ବଞ୍ଚିତ ହୋଇଛନ୍ତି । ନିର୍ଦ୍ଧାରିତ ସମୟ ଅଗଷ୍ଟ ୨୨ ଭିତରେ ସମସ୍ତ ଚାଷୀ ପଞ୍ଜୀକରଣ କରି ପାରିନାହାନ୍ତି । ଏହାକୁ ସେପ୍ଟେମ୍ବର ୧୫କୁ ଘୁଞ୍ଚାଇବା, ୨୦୧୯ ରୁ ୨୦୨୧ମଧ୍ୟରେ ଅନେକ ଚାଷୀ ମରୁଡି ଯୋଗୁ ଫସଲ ବୀମା ସହ ବକେୟା ବୀମା ଅର୍ଥ ପାଇନାହାନ୍ତି ।



ଦାବିପତ୍ର ଦେବାକୁ ଆସିଥିବା ଭାଜପା କର୍ମକର୍ତ୍ତାମାନେ ।

